RNI No.ODIODI/2010/33031
୧୦ମ ବର୍ଷ Volume- 10
ସଂଖ୍ୟା- ୮୯ Issue- 89
ଭୁବନେଶ୍ୱର, ବୁଧବାର ୧୨ ଜୁନ୍ ୨୦୧୯
Bhubaneswar, Wednesday 12 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

# MANTHAN
# ମନ୍ଥନ

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଆହତ କାରଣରୁ ବିଶ୍ୱକପ୍‌ର ପରବର୍ତ୍ତୀ ମ୍ୟାଚ୍ ଖେଳି ପାରିବେନି ଧାୱନ

## ରଥଯାତ୍ରା ସିଧା ପ୍ରସାରଣକୁ ନେଇ ପ୍ରଶାସନର ୟୁଟର୍ଣ୍ଣ

# ସବୁ ଗଣମାଧ୍ୟମକୁ ସୁଯୋଗ



ପୁରୀ, ୧୧।୬ (ନି.ପ୍ର.): ବହୁ ବାଦବିବାଦ ପରେ ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମକୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସିଧା ପ୍ରସାରଣ ପାଇଁ ଅନୁମତି ମିଳିଛି। ସିଧା ପ୍ରସାରଣ ପାଇଁ କୌଣସି ନିଲାମ କରାଯିବ ନାହିଁ। କିନ୍ତୁ ଚ୍ୟାନେଲ୍‌ଗୁଡିକ ଶ୍ରୀମନ୍ଦିରକୁ କିଛି ନିର୍ଦ୍ଦିଷ୍ଟ ଆକାରରେ ଅର୍ଥରାଶି ଦେବେ ବୋଲି ଆଜି ବସିଥିବା ପରିଚାଳନା ବୈଠକରେ ନିଷ୍ପତ୍ତି ନେଇଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି।

ରଥଯାତ୍ରାର ସିଧା ପ୍ରସାରଣ କରିବାକୁ ଗଣମାଧ୍ୟମ ଉପରେ ରୋକ ଲଗାଇଥିଲା ଶ୍ରୀମନ୍ଦିର ପ୍ରଶାସନ। ଟେଣ୍ଡର କରି ଗୋଟିଏ ଚ୍ୟାନେଲ୍‌କୁ ପ୍ରସାରଣ ପାଇଁ ଅଧିକାର ଦେବା ନିଷ୍ପତ୍ତିକୁ ପ୍ରଶାସନ ବଦଳାଇଛି। ବିଭିନ୍ନ ପ୍ରସଙ୍ଗକୁ ନେଇ ଆଜି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବସିଥିବା ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ରଥଯାତ୍ରାର ସମସ୍ତ ପ୍ରକ୍ରିୟାକୁ ସବୁ ଗଣମାଧ୍ୟମକୁ ସିଧା ପ୍ରସାରଣ ପାଇଁ ଅଧିକାର ମିଳିବ। କିନ୍ତୁ ମନ୍ଦିର ପାଣ୍ଠିକୁ କିଛି ଆର୍ଥିକ ଅନୁଦାନ ଦେବେ। ଗତକାଲି ହସ୍ତଗତ ହୋଇଥିବା ବିଡିଂକୁ ଦେଖି ଗଣମାଧ୍ୟମକୁ ଅନୁଦାନ ଦେବାକୁ କୁହାଯିବ। ଏ ନେଇ ସବୁ ଗଣମାଧ୍ୟମର ମାଲିକମାନଙ୍କ ସହିତ ବୈଠକ କରି ଆଲୋଚନା କରାଯିବା ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ଏହା ସହିତ ଗଣମାଧ୍ୟମମାନେ ରଥଯାତ୍ରା ବେଳେ ଡାକୁଥିବା ଅତିଥିଙ୍କ ତାଲିକା ମଧ୍ୟ ଦେବେ। ଅଧିକାଂଶ ବ୍ୟକ୍ତିଙ୍କୁ ଶ୍ରୀମନ୍ଦିର, ଜଗନ୍ନାଥ, ରଥଯାତ୍ରା ଓ ତତ୍‌ସମ୍ବନ୍ଧୀୟ ବିଷୟରେ ଜ୍ଞାନ ନାହିଁ। ଯେଉଁଥିପାଇଁ ଭୁଲ୍ ତଥ୍ୟ ଯାଉଥିବା ଦେଖିବାକୁ ମିଳୁଛି। ଯାହାକି ଜଗନ୍ନାଥ ପରମ୍ପରାକୁ କ୍ଷୁର୍ଣ୍ଣ କରୁଛି। ତେଣୁ ଚ୍ୟାନେଲଗୁଡିକ ଯେଉଁ ବିଶେଷଜ୍ଞଙ୍କୁ ଆଲୋଚନା ପାଇଁ ଡାକିବେ ସେମାନଙ୍କର ତାଲିକା ଦେବେ ବୋଲି ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଛି।

ଅନ୍ୟ ପକ୍ଷରେ ବାତ୍ୟା ଫୋନିରେ ନୀଳଚକ୍ର ଓ ମୁଖ୍ୟ ମନ୍ଦିରର କୌଣସି କ୍ଷୟକ୍ଷତି ହୋଇନାହିଁ। ଏଏସ୍‌ଆଇ ଡ୍ରୋନ୍ କ୍ୟାମେରା ଦ୍ୱାରା ଉଠାଇଥିବା ଫଟୋରୁ ସ୍ପଷ୍ଟ ହୋଇଛି। ରଥଯାତ୍ରା ବେଳେ ଶ୍ରୀମନ୍ଦିର ଭିତରେ କ'ଣ ମରାମତି କରାଯିବ ତାହା ନିର୍ଦ୍ଧାରଣ ହେବ। ସେହିପରି ଜୟବିଜୟ ମୂର୍ତ୍ତିଙ୍କ ପୁନଃନିର୍ମାଣ କରାଯାଇଛି। ଆସନ୍ତା ୧୬ ତାରିଖରେ ନୂଆ ଜୟବିଜୟ ମୂର୍ତ୍ତି ସଂସ୍ଥାପନ ହେବ। ଏହା ସହିତ ଅନୁଷ୍ଠିତ ବୈଠକରେ ଦେବସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନିର୍ଘଣ୍ଟ ନୀତି ଅନୁମୋଦନ ଲାଭ କରିଛି।

ଉଲ୍ଲେଖଯୋଗ୍ୟ ରଥଯାତ୍ରା ସିଧାପ୍ରସାରଣ ଉପରେ କଟକଣା କରାଯିବା ପରେ ସବୁଆଡୁ ସମାଲୋଚନା ହୋଇଥିଲା। ନିଲାମ ପ୍ରକ୍ରିୟାକୁ ସମସ୍ତେ ନିନ୍ଦା କରିଥିଲେ। ଶ୍ରୀମନ୍ଦିର ଆଇନ୍‌ର ଏହା ଉଲ୍ଲଂଘନ କରୁଥିବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ମଧ୍ୟ ରୁଜୁ ହୋଇଛି।

## ନିଖୋଜ ବାୟୁସେନା ଏଏନ୍-୩୨ ବିମାନ ଠାବ



ନୂଆଦିଲ୍ଲୀ, ୧୧।୬: ଦୀର୍ଘ ୮ ଦିନର ଅକ୍ଳାନ୍ତ ଖୋଜ ପରେ ଶେଷରେ ଆଜି ଭାରତୀୟ ବାୟୁସେନା ତା'ର ନିଖୋଜ ଏଏନ୍-୩୨ ବିମାନର ଧ୍ୱଂସାବଶେଷକୁ ଠାବ କରିବାରେ ସଫଳ ହୋଇଥିବା ସମ୍ବାଦ ସରବରାହ ସଂସ୍ଥା ଏଏନଆଉ ସୂତ୍ରରୁ ଜାଣିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଗତ ଜୁନ୍ ୩ ତାରିଖରେ ଆସାମର ଜୋରହାଟ୍‌ରୁ ଅରୁଣାଚଳ ପ୍ରଦେଶ ଅଭିମୁଖେ ଉଡାଣ ଭରିଥିବା ଭାରତୀୟ ବାୟୁସେନାର ଏଏନ୍-୩୨ ବିମାନଟି ଅରୁଣାଚଳ ପ୍ରଦେଶରେ ଅବତରଣ କରିବା ପୂର୍ବରୁ ମଝିବାଟରେ ନିଖୋଜ ହୋଇ ଯାଇଥିଲା। ସେବେଠାରୁ ଭାରତୀୟ ବାୟୁସେନା ତା'ର ସମସ୍ତ ଅତ୍ୟାଧୁନିକ ବିମାନ ସମେତ ଇସ୍ରୋ ଉପଗ୍ରହ ଜରିଆରେ ନିଖୋଜ ବିମାନଟିକୁ ସନ୍ଧାନ କରିବା ପାଇଁ ବ୍ୟାପକ ତଲାସି ଅଭିଯାନ ଆରମ୍ଭ କରିଥିଲେ ମଧ୍ୟ ସବୁଥିଲେ ବିଫଳ ହୋଇଥିଲା। ଶେଷର ଗତ ଜୁନ୍ ୮ ତାରିଖରେ ଭାରତୀୟ ବାୟୁସେନା ପକ୍ଷରୁ ଏହି ନିଖୋଜ ବିମାନ ସଂପର୍କରେ ଯିଏ କୌଣସି ବି ସୂଚନା ପ୍ରଦାନ କରିବ ତା'କୁ ୫ ଲକ୍ଷ ଟଙ୍କାର ଅର୍ଥ ରାଶି ପୁରସ୍କାର ସ୍ୱରୁପ ପ୍ରଦାନ କରିବାକୁ ମଧ୍ୟ ବାୟୁସେନା ଘୋଷଣା କରିଥିଲା। ଶେଷରେ ନିଖୋଜ ହେବାର ନବମ ଦିନରେ (୧୧ ଜୁନ୍ ମଙ୍ଗଳବାର) ଭାରତୀୟ ବାୟୁସେନା ନିଖୋଜ ଏଏନ୍-୩୨ର ଧ୍ୱଂସାବଶେଷକୁ ଠାବ କରିବାର ସମର୍ଥ ହୋଇଛି। ଅରୁଣାଚଳ ପ୍ରଦେଶର ଉତ୍ତର ଦିଗରେ ବିମାନଟି ଅବତରଣ କରିବା ସ୍ଥାନଠାରୁ ୧୫ରୁ ୨୦ କିମି ଭିତରେ ଏହି ବିମାନର ଧ୍ୱଂସାବଶେଷ ମିଳିଥିବା ଜାଣିବାକୁ ମିଳିଛି। ଧ୍ୱଂସାବଶେଷ ମିଳିଥିବା ସ୍ଥାନକୁ ବାୟୁସେନାର ବରିଷ୍ଠ ଅଧିକାରୀମାନେ ଗସ୍ତ କରିଥିବା ବେଳେ ସବେଶଷ ବିବରଣୀକୁ ଅପେକ୍ଷା କରାଯାଇଛି।

## ଅସହ୍ୟ ଗରମ: କେରଳ ଏକ୍ସପ୍ରେସ୍‌ରେ ୪ ଯାତ୍ରୀଙ୍କ ମୃତ୍ୟୁ



ଝାନସି, ୧୧।୬: ଦେଶର ଅନେକ ସ୍ଥାନରେ ଭୀଷଣ ଗରମ ସାଧାରଣଜନତାଙ୍କୁ ଅସ୍ତବ୍ୟସ୍ତ କରି ଦେଇଛି। ଭୀଷଣ ଗରମ ଚଳିତ ବର୍ଷ ରେକର୍ଡ ଭାଙ୍ଗିଛି। ସାଧାରଣତଃ ଟ୍ରେନ୍‌ର ଜେନେରାଲ ଓ ସ୍ଲିପର କୋଚରେ ଗରମ ହେତୁ ଯାତ୍ରୀଙ୍କ ଅବସ୍ଥା ଶୋଚନୀୟ ହୋଇପଡିଥାଏ। ଏହି ଅସହ୍ୟ ଗରମ ହେତୁ ଯାତ୍ରୀଙ୍କ ଅବସ୍ଥା ଶୋଚନୀୟ ହୋଇପଡିଥାଏ। ଏହି ଅସହ୍ୟ ଗରମ ହେତୁ ସୋମବାର ଆଗ୍ରା ଓ ଝାନ୍‌ସି ମଧ୍ୟରେ କେରଳ ଏକ୍ସପ୍ରେସ୍‌ର ସ୍ଲିପର କୋଚରେ ଯାତ୍ରା କରୁଥିବା ଚାରିଜଣ ଯାତ୍ରୀଙ୍କ ପ୍ରାଣବାୟୁ ଉଡି ଯାଇଛି। ଏହି ଯାତ୍ରୀ ଆଗ୍ରାରୁ କୋଏମ୍ବାଟୁର ଯାଉଥିଲେ। ସୂଚନାଯୋଗ୍ୟ, ୧୦ ଦିନ ପୂର୍ବରୁ ୬୮ଜଣ ଯାତ୍ରୀଙ୍କ ଏକ ଦଳ ତାମିଲନାଡୁରୁ ବାରାଣାସୀ ଓ ଆଗ୍ରା ବୁଲିବାକୁ ଆସିଥିଲେ। ବାରାଣାସୀ ବୁଲିବା ପରେ ଶନିବାର ଆଗ୍ରାରେ ପହଂଚିଥିଲେ। ଏଠାରେ ବୁଲିବା ପରେ ସୋମବାର ଦ୍ୱିପହରରେ ପାଖାପାଖି ଅଢ଼େଇଟା ସମୟରେ ସମସ୍ତ ଯାତ୍ରୀ ଆଗ୍ରା କ୍ୟାଂଟରୁ କୋଏମ୍ବାଟୁର ଯିବା ପାଇଁ କେରଳ ଏକ୍ସପ୍ରେସ (୧୨୬୨୬)ର ଏସ୍-୮ ଓ ଏସ୍ -୯ କୋଚରେ ଯାଉଥିଲେ। ଅଭିଯୋଗ ଆସିଛି କି ଆଗ୍ରାରୁ ଝାନ୍‌ସି ମଧ୍ୟରେ ସିଗନାଲ ନହେବା କାରଣରୁ ଟ୍ରେନ୍ ପ୍ରଚଣ୍ଡ ଖରାରେ ଅଟକି ରହିଥିଲା। ଏହି ସମୟରେ କୋଚରେ ଥିବା ଯାତ୍ରୀ ଗରମରେ ହନ୍ତସନ୍ତ ହେବାକୁ ଲାଗିଥିଲେ। ଏଥିରେ ପାଂଚଜଣ ଯାତ୍ରୀଙ୍କ ଅବସ୍ଥା ବିଗିଡି ଯାଇଥିଲା। ଟ୍ରେନ ମଝି ରାସ୍ତାରେ ଥିବା ହେତୁ ସେମାନଙ୍କୁ ଚିକିତ୍ସା ବି ମିଳି ପାରିଲା ନାହିଁ। ଫଳରେ ଚାରିଜଣ ଯାତ୍ରୀଙ୍କ ଟ୍ରେନ୍‌ରେ ହିଁ ପ୍ରାଣବାୟୁ ଉଡି ଯାଇଥିଲା। ମୃତକ ତାମିଲନାଡୁର ନୀଳଗିରି ନିବାସୀ ୮୦ ବର୍ଷୀୟ ପାଚି ଅପ୍ପା ପଲାନି ସ୍ୱାମୀ, ୬୯ ବର୍ଷୀୟ ବାଳକୃଷ୍ଣନ ରାମାସ୍ୱାମୀ, କୋଏମ୍ବାଟୁରର ୭୧ ବର୍ଷୀୟ ଚିନ୍ନାରେ ଓ ଉଚ୍ଚି କନ୍ନୁର ନିବାସୀ ୮୭ ବର୍ଷୀୟ ସୁବରାୟା ବୋଲି ଜଣାପଡିଛି।

## ଦିଲ୍ଲୀରେ ମୋଦିଙ୍କୁ ଭେଟିଲେ ନବୀନ



ଭୁବନେଶ୍ୱର, ୧୧।୬ (ନି.ପ୍ର.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହୋଇଥିବା ମୋଦିଙ୍କୁ ନବୀନ ଶୁଭେଚ୍ଛା ଜଣାଇଥିଲେ। ଏହା ପରେ ସାକ୍ଷାତ ସମୟରେ ଓଡ଼ିଶାର ବିଭିନ୍ନ ଦାବି ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ନବୀନ କହିଛନ୍ତି ଯେ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ଫନି କ୍ଷୟକ୍ଷତି ନେଇ ଆଲୋଚନା ହୋଇଛି। ଫନି ପାଇଁ ୫ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ୫ ଲକ୍ଷ ପକ୍କା ଘର ଯୋଗାଇ ଦେବାକୁ ମଧ୍ୟ ଅନୁରୋଧ କରାଯାଇଛି। ଏଥିସହ କୋଇଲା ରୟାଲଟି ସଂଶୋଧନ ଦାବି ନେଇ ତାଙ୍କୁ ଅବଗତ କରାଯାଇଛି ବୋଲି ନବୀନ କହିଛନ୍ତି।

## ୪୦° ଡେଇଁଲା ୧୩ ସହରର ପାରା

ଭୁବନେଶ୍ୱର, ୧୧।୬ (ନି.ପ୍ର.): ଜୁନ୍ ଦ୍ୱିତୀୟ ସପ୍ତାହ ଶେଷ ହେବାକୁ ଯାଉଥିଲେ ମଧ ତାତିର ପ୍ରକୋପ କମିନାହିଁ। ରାଜ୍ୟର ୧୩ଟି ସହରର ତାପମାତ୍ରା ମଙ୍ଗଳବାର ୪୦° ଡେଇଁଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସମ୍ବଲପୁର ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୫° ରେକର୍ଡ କରାଯାଇଛି। ହୀରାକୁଦ ୪୪.୪°, ଟିଟିଲାଗଡ ୪୩.୪°, ତାଳଚେର ୪୨.୫°, ବଲାଙ୍ଗୀର ୪୧.୮°, ସୁନ୍ଦରଗଡ଼ ୪୧.୦°, ଭବାନିପାଟଣା ୪୦.୬°, ଭୁବନେଶ୍ୱର ୪୦.୨°, ମାଲକାନଗିରି ୪୦.୨°, ଚାନ୍ଦବାଲି ୪୦° ତାପମାତ୍ରା ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ ଓଡ଼ିଶାକୁ ମୌସୁମୀ ବାୟୁ ପହଞ୍ଚିବା ବିଳମ୍ବ ହେବାକୁ ଥିବା ବେଳେ ଆଜି ରାଜ୍ୟସାରା ତାପମାତ୍ରା ଅସହ୍ୟ ହୋଇଛି ପଡିଛି।

## ବଦଳିବ ରାଜ୍ୟ କୃଷି ନୀତି



ଭୁବନେଶ୍ୱର, ୧୧।୬ (ନି.ପ୍ର.): ରାଜ୍ୟରେ ଚାଷୀଙ୍କ ପାଇଁ ଉର୍ଦ୍ଦିଷ୍ଟ ପ୍ରଚଳିତ କୃଷି ନୀତିକୁ ପରିବର୍ତ୍ତନ କରି ନୂତନ ନୀତି ପ୍ରଣୟନ କରାଯିବା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ପ୍ରସ୍ତାବିତ ନୂତନ କୃଷି ନୀତି ପ୍ରଣୟନ ଲାଗି କୃଷି ସହିତ ସଂଶ୍ଲିଷ୍ଟ ଥିବା ବିଭିନ୍ନ ବିଭାଗ ଠାରୁ ପ୍ରସ୍ତାବ ମଗାଯାଇଛି। ୨ ସପ୍ତାହ ମଧ୍ୟରେ ପରାମର୍ଶ ଦେବା ପାଇଁ କୁହାଯାଇଛି। ପ୍ରସ୍ତାବ ଓ ପରାମର୍ଶ ଆସିବା ପରେ ଖସଡା ପ୍ରସ୍ତୁତ କରାଯିବ। ପ୍ରସ୍ତାବିତ କୃଷି ନୀତିରେ ଚାଷୀଙ୍କ ଆୟ ବୃଦ୍ଧି, ଉତ୍ପାଦିତ ପଦାର୍ଥର ବଜାର ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ଗର୍ଗ କହିଛନ୍ତି।

## ଗୁଜୁରାଟ ମୁହାଁ ସାମୁଦ୍ରିକ ବାତ୍ୟା ବାୟୁ



ନୂଆଦିଲ୍ଲୀ, ୧୧।୬: ଆରବ ସାଗରରେ ସୃଷ୍ଟି ହୋଇ ଧୀରେ ଧୀରେ ଗୁଜୁରାଟ ଉପକୂଳ ଆଡକୁ ମୁହାଁଇଥିବା ସାମୁଦ୍ରିକ ବାତ୍ୟା ବାୟୁ ଏବେ ଗୋଆଠାରୁ ୩୪୦ କିମି ଦକ୍ଷିଣ ଓ ଦକ୍ଷିଣ- ପଶ୍ଚିମ ଦୂରରେ ଓ ମୁମ୍ବାଇଠାରୁ ୪୯୦ କିମି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦୂରରେ କେନ୍ଦ୍ରୀଭୂତ ରହିଛି। ଏହା ଆସନ୍ତା ୧୩ ତାରିଖ ସକାଳେ ଗୁଜୁରାଟର ପୋରବନ୍ଦର ଓ ମାହୁଭା ମଧ୍ୟବର୍ତ୍ତି କୌଣସି ଏକ ସ୍ଥାନରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଇତି ମଧ୍ୟରେ କେରଳ, ଉପକୂଳ କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି। ସେହିପରି ଲାଣ୍ଡଫଲ ବା ସ୍ଥଳଭାଗ ଛୁଇଁବା ପରେ ପବନର ବେଗ୍ ଘଂଟାପ୍ରତି ୧୩୫ କିମି ରହିବା ଆଶଙ୍କା କରାଯାଉଛି। ତେବେ ଗତ ମଇ ମାସରେ ଓଡ଼ିଶାରେ ମାଡ଼ ହୋଇଥିବା ପ୍ରଳଙ୍କାରୀ ମହାବାତ୍ୟା ଫନି ତୁଳନାରେ ଏହାର ଶକ୍ତି କମ ରହିବା ଆଶା କରାଯାଉଛି। କାରଣ ଫନିକୁ ଭାରତୀୟ ପାଣିପାଗ ବିଭାଗ ଏକ୍ସଟ୍ରିମଲି ସିଭିୟର ସାଇକ୍ଲୋନ୍ (ଅତି ଭୟଙ୍କର ବାତ୍ୟା) କହିଥିବାବେଳେ ବାୟୁକୁ ସିଭିୟର ସାଇକ୍ଲୋନ ବୋଲି କୁହାଯାଉଛି। ତଥାପି ସତର୍କତା ଅବଲମ୍ବନ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଡମ୍ପିଂୟାର୍ଡ ଯୋଗୁଁ ଅସୁବିଧାରେ କଟକବାସୀ



କଟକ, ୧୧।୬ (ନି.ପ୍ର.): କଟକ ସହରରେ ବିଭିନ୍ନ ସମସ୍ୟାକୁ ନେଇ ଜନସାଧାରଣ ଜର୍ଜରିତ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ପ୍ରତିକାର କରାଯାଉ ନାହିଁ। ଆଗକୁ ମୌସୁମୀ ବର୍ଷା ଆସୁଥିବା ବେଳେ ସହରରେ ବର୍ଷା ମୁକାବିଲା ପ୍ରସ୍ତୁତି କେବଳ ବୈଠକରେ ସୀମିତ ରହିଛି। ନାଳ ନର୍ଦ୍ଦମା ସଫେଇ ଶେଷ ହେବା ତ ଦୂରର କଥା ୱାର୍ଡ଼ରୁ ଆବର୍ଜନା ହଟିଲା ନାହିଁ। ପୂତିଗନ୍ଧମୟ ପରିବେଶରେ ଜନତା ଅସ୍ତବ୍ୟସ୍ତ। ତେବେ ରାସ୍ତା ଖୋଳା ସମସ୍ୟା ସହରବାସୀଙ୍କୁ ଅତିଷ୍ଠ କରିପକାଇଛି। ବିଭିନ୍ନ ସ୍ଥାନରେ ଜାଇକା, ଅମୃତ ଯୋଜନାକିମ୍ବା ଓପିଟିସିଏଲ ଭଳି ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାଘାଟ ଖୋଳାଯାଉଛି। କିନ୍ତୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟଶେଷ ନହେବା, ଖୋଳାଯାଇଥିବା ରାସ୍ତା ଭଲଭାବେ ମରାମତି ନକରି ସେହିଭଳି ଅବସ୍ଥାରେ ଛାଡ଼ିଦେବା ଦ୍ୱାରା ଜନସାଧାରଣ ଯାତାୟାତରେ ନାହିଁ ନଥିବା ହଇରାଣ ହେଉଛନ୍ତି। ଫଳରେ ବିଭିନ୍ନ ସ୍ଥାନରେ ଛୋଟବଡ଼ ଦୁର୍ଘଟଣା ଯୋଗୁଁ ଧନଜୀବନ କ୍ଷତି ହେଉଛି। କଟକ ମହାନଗର ନିଗମ ଅନ୍ତର୍ଗତ ୫୪ ଓ ୫୫ନମ୍ବର ୱାର୍ଡ ଅଂଚଳରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅଧିକାରୀମାନଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବକେବେ ବୋଲି ଅଂଚଳବାସୀ କ୍ଷୋଭର ସହ କହିଛନ୍ତି। ସୂଚନା ଅନୁସାରେ, ସ୍ଥାନୀୟ ବିଦ୍ୟାଧରପୁର ଅଂଚଳରେ ଜନସ୍ୱାସ୍ଥ୍ୟ ବିଭାଗ ଖଣ୍ଡ-୧ ପକ୍ଷରୁ ଅମୃତ ଯୋଜନାରେ ପାଣି ପାଇପ ବିଛାଇବା ନିମନ୍ତେ ଦୀର୍ଘ ୧୫ଦିନ ଧରି ରାସ୍ତା ଖୋଳାଯାଇଛି। ଉକ୍ତ ଅଂଚଳର ଶନିମନ୍ଦିର ଛକ, ଦୋଳମଣ୍ଡପ ଛକ ସାହି ଅଂଚଳରେ ରାସ୍ତାଘାଟ ଦୀର୍ଘ ଦିନ ଧରିଖୋଳାହୋଇ ପଡ଼ିବା ଦ୍ୱାରା ଟ୍ରାଫିକ ସମସ୍ୟାସୃଷ୍ଟି ହେବା ସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏ ସଂକ୍ରାନ୍ତରେ ବାରମ୍ବାର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତକରାଯିବା ପରେ ମଧ କୌଣସି ସୁଫଳ ମିଳୁନାହିଁ। ରାସ୍ତାଗୁଡ଼ିକ ଖୋଳାଯାଇ ମୁକୁଳା ଛାଡ଼ି ଦିଆଯାଉଥିବା ଯୋଗୁଁ ସେଠାରେ ବର୍ଷା ପାଣି ଜମିରହି ଦୁର୍ଘଟଣାର ମୁଖ୍ୟକାରଣ ପାଲଟିବାଆଶଙ୍କା ସୃଷ୍ଟି ହୋଇଛି। ସେହିଭଳି ବର୍ଷା ଆସିବା ପୂର୍ବରୁ ଏଗୁଡ଼ିକୁ ତୁରନ୍ତ ମରାମତି କରାଯିବା ସହ ଅଂଚଳରୁ ଆବର୍ଜନା ହଟାଇବା ଓ ନାଳନର୍ଦ୍ଦମା ସଫେଇ କରିବା ପାଇଁ ସ୍ଥାନୀୟ ୱାର୍ଡ଼ବାସୀ ଦାବି କରିଛନ୍ତି। ବର୍ଷା ହେଲେ ପଡ଼ିରହିଥିବା ଆବର୍ଜନା ସେଠାରେ ଶଢ଼ିବା ଦ୍ୱାରା ପରିବେଶ ଅଧିକ ପ୍ରଦୂଷଣ ହେବା ସହ ବିଭିନ୍ନ ସଂକ୍ରାମକ ରୋଗର କାରଣ ପାଲଟିବା ସମ୍ଭାବନା ରହିଛି। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଜାକିର ନାଏକଙ୍କୁ ଭାରତ ଫେରାଇବାକୁ ମନା କଲା ମାଲେସିଆ



ନୂଆଦିଲ୍ଲୀ, ୧୧।୬: ବିବାଦୀୟ ଇସ୍‌ଲାମିକ ପ୍ରଚାରକ ଜାକୀର ନାଏକକୁ ଭାରତକୁ ପ୍ରତ୍ୟାର୍ପଣ କରିବାକୁ ମନା କରିଦେଇଛନ୍ତି ମାଲେସିଆ। ମାଲେସିଆର ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦ କହିଛନ୍ତି ଯେ ଜାକିର ନାଏକକୁ ପ୍ରତ୍ୟାପଁଣ ନ କରିବାର ଅଧିକାର ମାଲେସିଆ ସରକାରଙ୍କ ନିକଟରେ ଅଛି। ଭାରତ ଗଲେ ତାକୁ ଠିକ୍ ନ୍ୟାୟ ନ ମିଳିବାର ଆଶଙ୍କା ରହିଛି। କିନ୍ତୁ ଜାକୀର ନାଏକ କହିଛି ଯେ ତାହାର ଦୋଷସାବ୍ୟସ୍ତ ନ ହେବାପର୍ଯ୍ୟନ୍ତ ଯଦି ଭାରତର ସୁପ୍ରିମକୋର୍ଟ ଗିରଫ ନ କରିବାକୁ ଲିଖିତ ପ୍ରତିଶ୍ରୁତି ଦିଅନ୍ତି, ତେବେ ସେ ଭାରତର ଫେରିବାରେ କିଛି ଅସୁବିଧା ନାହିଁ। ସେ କହିଛି ଯେ ଭାରତୀୟ ବିଚାର ବ୍ୟବସ୍ଥା ଉପରେ ତାହାର ଭରଷା ଅଛି। କିନ୍ତୁ ୨୦୧୪ ପୂର୍ବରୁ ଏହା ଆହୁରି ଭଲ ଥିଲା। ଜଣେ ସରକାରଙ୍କ ବିରୋଧରେ କହି ମଧ୍ୟ ଖସିଯାଇଥିଲା। କିନ୍ତୁ ଏବେ ତାହା ସମ୍ଭବ ହେଉନାହିଁ। ୨୦୧୬ରେ ଜାକିର ନାଏକର ସଂଗଠନ ଇସଲାମିକ ରିସର୍ଚ୍ଚ ଫାଉଣ୍ଡେସନ। (ଆଇଆରଏଫ)କୁ ଭାରତ ସରକାର ନିଷିଦ୍ଧ ଘୋଷଣା କରିଥିଲେ। ଏହି ବର୍ଷ ଜାକିର ଭାରତ ଛାଡି ପଳାୟନ କରିଥିଲା।



## ମହାବୀର ପ୍ରେସ୍ କ୍ଲବ୍‌ର ସାଧାରଣ ବୈଠକ

# ସାମ୍ବାଦିକ ସୁରକ୍ଷା ଆଇନ୍ ଓ ପେନ୍‌ସନ୍ ବ୍ୟବସ୍ଥା ତୁରନ୍ତ ଲାଗୁ ପାଇଁ ଦାବୀ

**ଭୁବନେଶ୍ୱର,୧୧/୬(ନିପ୍ର):** ଓଡିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ଆଇନ୍ ଓ ପେନ୍‌ସନ୍ ବ୍ୟବସ୍ଥା ତୁରନ୍ତ ଲାଗୁହେଉ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତଥା ଜାଗ୍ରତ ପ୍ରହରୀ ସାମ୍ବାଦିକମାନେ ଏବେ ଅସହାୟ । ସମାଜ ସେବାର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରୁଥିବା କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁହେଉ ବୋଲି କେନ୍ଦୁଝର ଠାରେ ମହାବୀର ପ୍ରେସ୍‌କ୍ଲବ ସାଧାରଣ ବୈଠକରେ ଯୋଗଦେଇ କଳିଙ୍ଗ ସାମ୍ବାଦିକ ସଂଘର ଆବାହକ ସୁକାନ୍ତ ରାଉତ କହିଛନ୍ତି । ପ୍ରେସ୍‌କ୍ଲବର ସଭାପତି ଅୟଶକାନ୍ତ ପଟ୍ଟନାୟକ, ସଂପାଦକ ସ୍ୱାଧୀନଚେତା ଦାସ ମହାପାତ୍ର, କୋଷାଧ୍ୟକ୍ଷ ଅକ୍ଷୟ କୁମାର ରାୟଙ୍କ ନେତୃତ୍ୱରେ କାଂଝାରୀ ଡ୍ୟାମ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଳିଙ୍ଗ ସାମ୍ବାଦିକ ସଂଘର ଆବାହକ ସୁକନ୍ତ ରାଉତ, ସମ୍ମାନୀତ ଅତିଥି ଭାବେ ସାଧାରଣ ସଂପାଦକ ବିଦ୍ୟାଧର ବାରିକ, ସଂଯୋଜକ ସଂଗ୍ରାମ କେଶରୀ ଦାସ, ଗଣମାଧ୍ୟମ ସଂପାଦକ ସତ୍ୟଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ମା' ତାରିଣୀଙ୍କ ବିଗ୍ରହରେ ପୁଷ୍ପମାଲ୍ୟ, ଧୂପଦୀପ ଦେଇ ସାମ୍ବାଦିକ ମାନଙ୍କର ଶୁଭ ମନାସିବା ସହିତ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରେସ୍ କ୍ଲବ୍‌ର ସଂପାଦକ ସ୍ୱାଧୀନ ଚେତା ଦାସ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଭାପତି ଆୟସକାନ୍ତ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କେଉଁଝର ସାମ୍ବାଦିକମାନଙ୍କର ସୁବିଧା ଅସୁବିଧା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । କ୍ଲବ୍‌ର ଉପଦେଷ୍ଟା ତଥା ବରିଷ୍ଠ ଆଇନ୍‌ଜୀବି ଚତୁର୍ଭୁଜ ହୋତା କେଉଁଝରରେ ସମସ୍ତ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ବୈଠକରେ ରେଜେଷ୍ଟ୍ରୀ ଭୁକ୍ତ ସଦସ୍ୟ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକତା ଓ ସାଂଗଠନିକ ସ୍ତରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାବୀର ପ୍ରେସ୍ କ୍ଲବ୍‌ର ସଭାପତି ଅୟସ କାନ୍ତ ପଟ୍ଟନାୟକ ସଂପାଦକ ସ୍ୱାଧୀନଚେତା ଦାସ ମହାପାତ୍ର, ପରାମର୍ଶ ଦାତା ଚତୁର୍ଭୁଜ ହୋତା ଓ ସାମ୍ବାଦିକତା କ୍ଷେତ୍ରରେ ଶଶି ଭୂଷଣ ସିଂହ, ସୁଶାନ୍ତ ମହାନ୍ତ, ସନ୍ତୋଷ କୁମାର ରାଉତ, ପ୍ରଦୀପ୍ ସାହୁଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ସାମ୍ବାଦିକମାନେ ଯୋଗ ଦେଇଥିଲେ। ଶେଷରେ ଅକ୍ଷୟ କୁମାର ରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।





# ବୁଢା ଗୋବିନ୍ଦଜୀଉଙ୍କ ଜମିରେ ଥିବା ଦୋକାନୀଙ୍କଠାରୁ ଭଡା ଆଦାୟ ପାଇଁ ଏଣ୍ଡାଉମେଣ୍ଟ କମିଶନରଙ୍କ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**କେନ୍ଦ୍ରାପଡା,୧୧/୬(ନିପ୍ର):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମସ୍ଥିତ ବୁଢା ଗୋବିନ୍ଦଜୀଉଙ୍କ ଜମି ଉପରେ ଥିବା ଦୋକାନୀଙ୍କ ଠାରୁ ଭଡା ଆଦାୟ କରାଯାଇ ଠାକୁରଙ୍କ ବ୍ୟାଙ୍କ ଜମାଖାତାରେ ରଖାଯିବାକୁ ରାଜ୍ୟ ଏଣ୍ଡାଉମେଂଟ କମିଶନର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ପ୍ରାୟ ୨୦ବର୍ଷରୁ ଉର୍ଦ୍ଧ୍ୱ ହେବ କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଗୁଲନଗର ପଂଚାୟତ ଅଧିନ ଭ୍ରମରଦିଆ ପାଟଣା ମୌଜାର ଖାତା ନମ୍ବର ୩୧ ଓ ପ୍ଲଟ ନମ୍ବର ୧୧୫ ଓ ୧୧୬ ଉପରେ ଥିବା ୧୧ଜଣ ଦୋକାନୀ ଦୋକାନ କରିଥିଲେ ମଧ୍ୟ ଠାକୁରଙ୍କୁ ଭଡା ଦେଉନାହାନ୍ତି । ଏହା ବିରୋଧରେ ଠାକୁରଙ୍କ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଟ୍ରଷ୍ଟି ଉପେନ୍ଦ୍ର କର ଏଣ୍ଡାଉମେଂଟ କମିଶନରଙ୍କ କୋର୍ଟରେ ଏକ ମାମଲା ଦାୟର କରିଥିଲେ। ସେହି ମାମଲାର ବିଚାର କରି କମିଶନର ତାଙ୍କ ଅନ୍ତରୀଣ ନିର୍ଦ୍ଦେଶରେ ୧୧ଜଣ ଦୋକାନୀଙ୍କ ଠାରୁ ପ୍ରତି ସ୍କାୟାର ଫୁଟ ହିସାବରେ ସରକାରଙ୍କ ଧାର୍ଯ୍ୟ ଅନୁଯାଇ ଭଡା ଆଦାୟକରି ବୁଢା ଗୋବିନ୍ଦଜୀଉଙ୍କ ଷ୍ଟେଟ ବ୍ୟାଙ୍କ ଜମାଖାତାରେ ଜମା କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ସୋମବାର ବୁଢା ଗୋବିନ୍ଦଜୀଉଙ୍କ ଟ୍ରଷ୍ଟ ବୋର୍ଡ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ଉପେନ୍ଦ୍ର କର, ଟ୍ରଷ୍ଟି ରବିନ୍ଦ୍ର ନାଥ ରଥ, ଲକ୍ଷ୍ମୀନାରାୟଣ ସାହୁ, ଅଭୟ କୁମାର ଦାସ, ମୃଣାଲକାନ୍ତ ନାୟକ, ପ୍ରେମାନନ୍ଦ ନାୟକ, ଶୁକାନ୍ତ ଶତପଥୀ ପ୍ରମୁଖ ଜିଲ୍ଲାପାଳ ପ୍ରେମ ଚନ୍ଦ୍ର ଚୌଧୁରୀଙ୍କୁ ଭେଟି ଦରଖାସ୍ତ ସହିତ କମିଶନରଙ୍କ ନିର୍ଦ୍ଦେଶ ପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳ ଏସମ୍ପର୍କରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେମାନଙ୍କୁ ପ୍ରତିଶୃତି ଦେଇଛନ୍ତି ।

# ମା' ମଝିଅଘିରଆଣୀଙ୍କ ହୁଣ୍ଡିରୁ ଦାନ ଆକାରରେ ମିଳିଛି ୬୩ ଲକ୍ଷ

**ରାୟଗଡା,୧୧/୬(ନିପ୍ର):** ରାୟଗଡା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣୀଙ୍କ ହୁଣ୍ଡି ସୋମବାର ଦିନ ଖୋଲାଯାଇଥିଲା । ହୁଣ୍ଡିର ଭକ୍ତମାନେ ଦାନ ଆକାରରେ ୬୩ ଲକ୍ଷ ୩୮ ହଜାର ୧୦୫ ଟଙ୍କା ସହ ୧୦୨ ଗ୍ରାମ ସୁନା ଏବଂ ୨ କେଜି ୩୪୭ ଗ୍ରାମ ରୂପା ମିଳିଥିଲା । ସକାଳୁ ସକାଳୁ ମନ୍ଦିର ଟ୍ରଷ୍ଟି ମେମ୍ବରଙ୍କ ଉପସ୍ଥିତିରେ ହୁଣ୍ଡିର ଚାବି ଗୁଡିକ ଖୋଲାଯାଇ ଟଙ୍କା ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା । ସକାଳୁ ଟଙ୍କା ଗଣନା କାମ ଆରମ୍ଭ ହୋଇ ରାତ୍ର ୯ ଟା ପର୍ଯ୍ୟନ୍ତ ଚାଲିଥିଲା । ଗଣନା କାର୍ଯ୍ୟରେ ଆନ୍ଧ୍ର ବ୍ୟାଙ୍କ କର୍ମଚାରୀ ମାନଙ୍କ ସହ ସାଇ ଟ୍ରଷ୍ଟ ସହ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ସହ ଯୋଗ କରିଥିଲେ । ରାୟଗଡା ପୋଲିସ ଓ ମନ୍ଦିର ସୁରକ୍ଷା କର୍ମୀଙ୍କ କଡା ସୁରକ୍ଷା ମଧ୍ୟରେ ଟଙ୍କା ଗଣତି କାର୍ଯ୍ୟ ସଂପାଦନ ହୋଇଥିଲା । ବିମୁଦ୍ରାୟନର ଦେଢବର୍ଷ ପରେ ମଧ୍ୟ ପୁରୁଣା ୫୦୦ ଏବଂ ୧୦୦୦ ଟଙ୍କା ନୋଟ ଭକ୍ତମାନେ ଦାନ କରିଥିବା ଦେଖିବାକୁ ମିଳିଥିଲା । ୫୦୦ ଟଙ୍କିଆ ନୋଟ ୭୯ ଗୋଟି ଏବଂ ୧୦୦୦ ଟଙ୍କିଆ ନୋଟ ୧ଟି ମିଳିଥିଲା । ଟଙ୍କା ଗଣତି ସମୟରେ ମନ୍ଦିର ଟ୍ରଷ୍ଟିର ରାଇସିଂ ବିଡିକା, ରାଧାକାନ୍ତ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।



# ଅପରାଧିକ ମାମଲାରୁ ନିର୍ଦ୍ଦୋଶରେ ଖଲାସ ହେଲେ ଅଭିଯୁକ୍ତ

**ପୋଲସରା,୧୧/୬(ନିପ୍ର):** ଏକ ଡକାୟତି ମାମଲାରେ ଛନ୍ଦିହୋଇ ମାନ୍ୟବର ଅତିରିକ୍ତ ଦୌରାଜଜ୍, କୋଦଳାଙ୍କ କୋର୍ଟରେ ଦୋଷି ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ମାନେ ମାନ୍ୟବର ଅତିରିକ୍ତ ଜିଲ୍ଲାଜଜ୍, ଛତ୍ରପୁରଙ୍କ କୋର୍ଟରେ ନିର୍ଦ୍ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମିଳିଥିବା ତଥ୍ୟ ମୁତାବକ ୨୦୧୨ ମସିହାରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ପୋଲିସ ତଲାସି ଅଭିଯାନ ଚଳାଇଥିବା ବେଳେ ବିଷେସ ଶୁତ୍ରରୁ ଖବର ପାଇ ନିଜ ଥାନା ଅଧିକୃତ ଅଞ୍ଚଳରେ ଏକ ସୁମୋ ଏବଂ ବାଇକ୍‌କୁ ଅଟକ ରଖି ୧)ଭାସ୍କର ନାହାକ ୨)ସୁଷାନ୍ତ ସେଠୀ ୩)ଏସ୍.କେ ଏଳଲାସ ୪)ଧୃବ ପାତ୍ର ୫)ଦିପକ ମେହେର୍ ୬)ଏନ୍. ଜଗନ ରେଡ୍ଡି ୭)ସଂଜୟ ଚୌଧୁରୀ ୮)ସନ୍ତୋଷ ମହାପାତ୍ର ୯)ପି.ନାଗେଶ୍ୱର ରେଡ୍ଡି ପ୍ରମୁଖଙ୍କୁ ଧରିବା ସହିତ ସେମାନଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲେ। ପରେ ଆବଶ୍ୟକ ପଚରା ଉଚରା ପରେ ଉକ୍ତ ୯ଜଣଙ୍କ ନାମରେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୯୯/୪୦୨ ଏବଂ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫(୧-ବି)ଏ ଅନୁଯାୟୀ ଏତଲା ରୁଜୁ କରି ନ୍ୟାୟିକ ବିଚାର ପାଇଁ ପଠାଇଥିଲେ। ମାନ୍ୟବର ଅତିରିକ୍ତ ଦୌରାଜଜ୍, କୋଦଳା ଏହି ଘଟଣାର ବିଚାର କରି ସମସ୍ତ ଅଭିଯୁକ୍ତଙ୍କୁ ଧାରା ୪୦୨ ଏବଂ ଧାରା ୨୫(୧-ବି)ଏ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିବା ସହିତ ଦଣ୍ଡ ବିଧାନ କରିଥିଲେ। ପରବର୍ତ୍ତୀ ସମୟରେ ମାନ୍ୟବର ଅତିରିକ୍ତ ଦୌରାଜଜ୍‌ଙ୍କୁ ଏହି ରାୟର ପୁନଃ ବିଚାର କରିବା ପାଇଁ ଅଭିଯୁକ୍ତଙ୍କ ତରଫରୁ ସିଆର୍.ପି.ସି ର ଦାରା ୩୭୪(୩) ଅନୁଯାୟୀ ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ୍, ଛତ୍ରପୁରଙ୍କଠାରେ ଅପିଲ୍ କରାଯାଇଥିଲା। ଉକ୍ତ ଅପିଲ୍‌କୁ ଗ୍ରହଣ କରି ନିମ୍ନ ଅଦାଲତର ରାୟର ତର୍ଜମା ପାଇଁ ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ୍, ଛତ୍ରପୁର ଘଟଣାର ସମସ୍ତ ସାଧାରଣ ସାକ୍ଷୀ ଏବଂ ରାଜସାକ୍ଷୀଙ୍କ ବୟାନ ପୁନଃ ତଲବ କରିଥିଲେ। ସାଧାରଣ ସାକ୍ଷୀଙ୍କ ବୟାନରେ ବିରୁଦ୍ଧାଭାସ ଏବଂ ରାଜସାକ୍ଷୀଙ୍କ ବୟାନରେ ତାଳମେଳ ରହୁନଥିବାରୁ ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ୍, ଛତ୍ରପୁର ଉପର ଉଲ୍ଲେଖିତ ୯ଜଣ ଅଭିଯୁକ୍ତଙ୍କ ସମସ୍ତ ଦଣ୍ଡକୁ ରଦ୍ଦକରି ସେମାନଙ୍କୁ ସମସ୍ତ ମାମଲାରୁ ନିର୍ଦ୍ଦୋଷ ଘୋଷଣା କରିଥିଲେ।

# ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲା ପରିଷଦ ସଭାପତିଙ୍କ ସିଡିଏମଓଙ୍କ ସହ ଆଲୋଚନା

**କେନ୍ଦ୍ରାପଡା,୧୧/୬(ନିପ୍ର):** କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରକୋଷ୍ଠରେ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲା ପରିଷଦ ସଭାପତି ତଥା ଜିଲ୍ଲା ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ମାନସ କୁମାର ପରିଡା ସିଡିଏମଓ ଡା.ଉର୍ମିଳା ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ । ଏହି ସମସ୍ୟା ଗୁଡିକ ମଧ୍ୟରେ ଚଉଦକୁଲାଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଡାକ୍ତର ନିଯୁକ୍ତି, ରାଜନଗର ସ୍ୱାସ୍ଥ୍ୟ କେନ୍ଦ୍ରର ପାଚେରୀ ନିର୍ମାଣ, ମୁଖ୍ୟ ଚିକିତ୍ସାଳୟପରିସରରେ ଡ୍ରେନେଜ ସିଷ୍ଟମ କରାଯିବା, ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ପାଇଖାନା ଗୁଡିକର ମରାମତି, ଅଚଳ ହୋଇପଡିଥିବା ଏ.ସି.ଗୁଡିକ ସ୍ଥାନରେ ନୂତନ ଏସି ଲଗାଯିବା, ଅନ୍ଧାର ରହୁଥିବା ଡାକ୍ତରଖାନା ପରିସରକୁ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯିବା ପ୍ରଭୃତି ବିଷୟରେ ଆଲୋଚନା କରାଯାଇଥିଲା । ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଡା.ଜୁବେର ଅଲ୍ଲୀ ବେଗଙ୍କୁ ଚଉଦକୁଲାଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଭାବେ ନିଯୁକ୍ତି ପ୍ରଦାନ କରାଗଲା । ରାଜନଗର ସ୍ୱାସ୍ଥ୍ୟ କେନ୍ଦ୍ରରେ ପାଚେରୀ ନିର୍ମାଣ କରାଯିବା ପାଇଁ ନିଷ୍ପତି ଗ୍ରହଣ ସହିତ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସ୍ଥାନରେ ଅଚଳ ହୋଇପଡିଥିବା ଏସି ଗୁଡିକ ବଦଳରେ ଆବଶ୍ୟକତା ଅନୁଯାଇ ଏସି ଲଗାଯିବା,ମୁଖ୍ୟ ଚିକିତ୍ସାଳୟ ପରିସରରେ ଡ୍ରେନେଜ ସିଷ୍ଟମ ନିମନ୍ତେ ଏଷ୍ଟିମେଟ ପ୍ରସ୍ତୁତ କରି ଆର୍ଥିକ ଅନୁଦାନ ମଞ୍ଜୁର ନିମନ୍ତେ ସ୍ୱାସ୍ଥ୍ୟ ବିଭାଗକୁ ସୁପାରିଶ ପାଇଁ ତୁରନ୍ତ ଜିଲ୍ଲାପାଳଙ୍କ ନିକଟକୁ ଫାଇଲ ପଠାଯିବା, ମେଡିକାଲ ପରିସରରେ ହାଇମାକ୍ସ ଲାଇଟ ଲଗାଯିବା ପାଇଁ ପୌରସଂସ୍ଥା ର ନିର୍ବାହୀ ଅଧରକାରୀଙ୍କୁ ତୁରନ୍ତ ଜଣାଇଦିଆଯିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଏଥିସହିତ ପ୍ରତ୍ୟେକ ମାସରେ ଥରେ ଜିଲ୍ଲା ପରିଷଦ ସଭାପତିଙ୍କ ସହିତ ସିଡିଏମଓ ମିଳିତ ଭାବରେ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନକରି ସେଠାକାରେ ସମସ୍ୟା ଗୁଡିକର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତି ଗ୍ରହଣ କରାଗଲା । ଏହି ବୈଠକରେ ଏଡିଏମଓ (ମେଡିକାଲ) ତଥା ଅଧିକ୍ଷକ ଡା.କିଶୋର କୁମାର ଆଚାର୍ଯ୍ୟଙ୍କ ସମେତ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀମାନେ ଉପସ୍ଥିତ ଥିଲେ ।



# ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ଅଭିଯୋଗ

**ଢେଙ୍କାନାଳ,୧୧।୬(ନି.ପ୍ର):** ଢେଙ୍କାନାଳ ପୋଲିସ୍ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଥାନା ଏବଂ ଫାଣ୍ଡି ଅଂଚଳରେ ଭିନ୍ନ ଭିନ୍ନ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କ ଠାରୁ ଟଙ୍କା ଲୁଟ୍ ଘଟଣା ପାଇଁ ଅଭିଯୋଗ ହୋଇଥିବା ବେଳେ ପୁଣି ଏକ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ପୋଲିସ୍ ନିକଟରେ ଅଭିଯୋଗ ହୋଇଛି । ଅନ୍ୟପକ୍ଷେ, ଫାଇନାନ୍ସ କମ୍ପାନୀର ଏବଂ ପେଟ୍ରୋଲ ପମ୍ପର ମାଲିକ ମାନଙ୍କୁ ଆରକ୍ଷୀ ଅଧିକ୍ଷକ ଏକ ବୈଠକକୁ ଡକାଇ ଟଙ୍କା ସଂଗ୍ରହ କରିବା ପାଇଁ ଯିବା ପୂର୍ବରୁ ପୋଲିସକୁ ଜଣାଇବାକୁ କହିଥିବାରୁ ଏହାକୁ ଉଲ୍ଲଂଘନ କରା ଯାଇଥିଲେ ମଧ ଅଭିଯୋଗ କ୍ରମେ ପୋଲିସ୍ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଚଳାଇଛି । ଅଭିଯୋଗରୁ ପ୍ରକାଶ ଯେ, ଅନୁଗୁଳ ଜିଲ୍ଲା ତାଳଚେର ହାଟତୋଟା ଠାରେ ଥିବା ଆରୋହଣ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀ ବିଜୟ ନାୟକ ଆଜି ସକାଳେ ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ଥାନା ଅଂଚଳ ଯାଇ କୁଆଲୋ ଏବଂ ପରମହଂସପୁର ଅଂଚଳରୁ ୧ ଲକ୍ଷ ୪୩ ହଜାର ୫୫୦ ଟଙ୍କା ସଂଗ୍ରହ କରି ନିଜ ଓ.ଆର ୨୫ ଏ ୮୩୦୭ ନମ୍ବର ବିଶିଷ୍ଟ ବାଇକ୍‌ରେ ରଖି ତାଳଚେରକୁ ଫେରୁଥିଲେ । ଫେରିବା ସମୟରେ ଉକ୍ତ ଥାନା ଅଧିନ ୫୩ ନମ୍ବର ଜାତୀୟ ରାଜପଥର ପିଟିରି ଛକ ଠାରେ ୨ ବାଇକ୍ ଯୋଗେ ୫ ଲୁଟେରା ପହଁଚି ବିଜୟଙ୍କୁ ମାରଣାସ୍ତ୍ର ଦେଖାଇ ଅଟକାଇଥିଲେ । ଅଟକାଇବା ପରେ ବିଜୟଙ୍କ ବାଇକ୍ ଡିକି ଭାଙ୍ଗି ସମସ୍ତ ଟଙ୍କା ଲୁଟି ନେଇଥିବା ପୋଲିସ୍ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗ କ୍ରମେ ପୋଲିସ୍ ଏକ ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଚଳାଇଥିଲେ ମଧ ଲୁଟେରା ମାନଙ୍କୁ ଠାବ କରିବାରେ ବିଫଳ ହୋଇଛି । ସେହିଭଳି ଗତ କିଛି ମାସ ପୂର୍ବେ ଏହିଭଳି ଫାଇନାନ୍ସ କମ୍ପାନୀର କର୍ମଚାରୀ ଏବଂ ପେଟ୍ରୋଲ ପମ୍ପର କର୍ମଚାରୀଙ୍କ ଠାରୁ ବାରମ୍ବାର ଲୁଟ୍ ହେବାରୁ ଉଭୟ ଫାଇନାନ୍ସ କମ୍ପାନୀ ଓ ପେଟ୍ରୋଲ ପମ୍ପର ମାଲିକଙ୍କୁ ଆରକ୍ଷୀ ଅଧିକ୍ଷକ ଡକାଇ ଏକ ବୈଠକରେ ତାଗିଦ୍ କରିବା ସହିତ ଟଙ୍କା ସଂଗ୍ରହ କରିବା ପାଇଁ ଯିବା ପୂର୍ବରୁ ସ୍ଥାନୀୟ ପୋଲିସ୍‌କୁ ଜଣାଇବେ ବୋଲି କହିଥିଲେ । ଏହା ପରେ ଉଭୟ ସଂସ୍ଥାର କର୍ମଚାରୀ ମାନେ ଟଙ୍କା ସଂଗ୍ରହ ପାଇଁ ଯିବା ପୂର୍ବରୁ ପୋଲିସକୁ ସୂଚନା ଦେଉ ନ ଥିବା ଯୋଗୁଁ ପୋଲିସ୍ କ୍ଷୋଭ ପ୍ରକାଶ କରିଛି ।

# ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଶୋକ

**ବାଲେଶ୍ୱର,୧୧।୬(ନିପ୍ର):** ବାଲେଶ୍ୱରର ଅନ୍ୟତମ ଆଦର୍ଶ ଶିକ୍ଷକ ସୁନହଟ ଅଞ୍ଚଳର ସୁରେନ୍ଦ୍ର ନାୟକଙ୍କର ଅପରାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୭ ବର୍ଷ ହୋଇଥିଲା। ବୟସାଧିକ ଯୋଗୁଁ ପୀଡ଼ିତ ଥାଇ ସେ ଘରେ ରହି ଚିକିତ୍ସିତ ହେଉଥିଲେ। ତେବେ ଆଜି ଅପରାହ୍ନରେ ହଠାତ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ପ୍ରାୟ ୩ଟା ୧୫ ମିନିଟ୍‌ରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ସମୟରେ ପୁତ୍ର ପୁତ୍ରବଧୂଙ୍କ ସମେତ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କର ଦୁଇପୁଅ ଓ ୫ ଜଣ କନ୍ୟା ଅଛନ୍ତି। ମୃତ୍ୟୁ ଖବର ପ୍ରଘଟ ହୋଇଯିବା ପରେ ତାଙ୍କର ବହୁ ପୁରାତନ ଛାତ୍ରଙ୍କ ସମେତ ସହରର ବିଶିଷ୍ଟ ବ୍ୟକ୍ତିମାନେ ସୁନହଟସ୍ଥିତ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ। ୯ ବର୍ଷ ପୂର୍ବରୁ ତାଙ୍କର ଜଣେ ପୁତ୍ରଙ୍କର ପରଲୋକ ଘଟିଥିବା ବେଳେ ଅନ୍ୟତମ ପୁତ୍ର ସୁମିତ ନାୟକ ମୁଖାଗ୍ନି ଦେଇଥିଲେ। ଗବଗାଁରେ ଜନ୍ମ ହୋଇଥିଲେ ବି ସୁରେନ୍ଦ୍ର ନାୟକ ବାଲେଶ୍ୱର ସହରକୁ ନିଜର କର୍ମକ୍ଷେତ୍ର ଭାବେ ବାଛି ନେଇଥିଲେ। ଜଣେ ଛାତ୍ରବତ୍ସଳ ତଥା ଆଦର୍ଶ ଶିକ୍ଷକ ଭାବେ ମୋତିଗଞ୍ଜର ଆରକେ ହିନ୍ଦୀ ବିଦ୍ୟାପୀଠ ଓ ପୁରୁଣାବାଲେଶ୍ୱର ସ୍କୁଲରେ ଶିକ୍ଷକତା କରି ସେ ବେଶ୍ ସୁନାମ ଅର୍ଜନ କରିଥିଲେ। ତାଙ୍କଠାରୁ ଶିକ୍ଷାଗ୍ରହଣ କରି ବାଲେଶ୍ୱରର ବହୁ ଛାତ୍ରଛାତ୍ରୀ ଦେଶର ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପଦ ପଦବୀରେ ଏବେ ଅଧିଷ୍ଠିତ ଅଛନ୍ତି। ଏହି ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଗବଗାଁ, ପୁରୁଣାବାଲେଶ୍ୱର ଓ ସୁନହଟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ବାଲେଶ୍ୱର ଗସ୍ତ ଓ ସମୀକ୍ଷା

**ବାଲେଶ୍ୱର,୧୧/୬(ନି.ପ୍ର):** ମାନ୍ୟବର କେନ୍ଦ୍ର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପ୍ରାଣୀଧନ, ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମ୍ପଦ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆଜି ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଅପରାହ୍ନରେ ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ଏବଂ ବିଭାଗୀୟ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ପ୍ରଥମ ଥର ପାଇଁ ବାଲେଶ୍ୱର ଗସ୍ତରେ ଆସିଥିବା ମାନ୍ୟବର କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ତଥା ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲାବାସୀଙ୍କ ତର'ରୁ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ରାଉତ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେଠାରେ ଉପସ୍ଥିତ ଥିବା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନେ ମଧ୍ୟ ମାନ୍ୟବର କେନ୍ଦ୍ର ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ବିଭାଗୀୟ କାର୍ଯ୍ୟକ୍ରମ ଏବଂ ଯୋଜନାଗୁଡିକ ସମ୍ପର୍କରେ ସମୀକ୍ଷା କରିବା ସହିତ ଏ ସଂପର୍କରେ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବାଲେଶ୍ୱର ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ ବଢାଇବା ଲାଗି ଯଥେଷ୍ଟ ସମ୍ଭାବନା ଏବଂ ସୁଯୋଗ ରହିଥିବା ପରିପ୍ରେକ୍ଷୀରେ ଏ ସଂପର୍କିତ ଭିଜନ ଡକୁମେଂଟ, ବ୍ଲୁ ପ୍ରିଂଟ, ବ୍ୟୟ ଅଟକଳ ଓ ଯୋଜନା ପ୍ରସ୍ତୁତ କରି ଉପସ୍ଥାପନ କରିବାକୁ ସେ ଜିଲ୍ଲାପାଳ ତଥା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ଷଡଙ୍ଗୀ ମତପ୍ରକାଶ କରିଥିଲେ । ଜିଲ୍ଲାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ସାମ୍ପ୍ରତିକ ସ୍ଥିତି ସଂପର୍କରେ ଡିଆଇସି ଜିଏମ ଶ୍ରୀ ହରିହର ଜେନା ମାନ୍ୟବର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଜିଲ୍ଲାରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀମାନଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଏବଂ ସୁବିଧା ଯୋଗାଇ ଦେବା ଉପରେ ଗରୁତ୍ୱାରୋପ କରିବା ସହ ଉତ୍ପାଦିତ ସାମଗ୍ରୀର ବିପଣନ ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ଷଡଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ । ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଜିଲ୍ଲାକୁ ସ୍ୱାବଲମ୍ବୀ କରିବା ଲାଗି ପଦକ୍ଷେପ ନିଆଯିବା ସହ ଏ ସମ୍ବନ୍ଧିତ ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ଠାପର ଉଦ୍ୟମ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ସଦର ବିଧାୟକ ଶ୍ରୀ ମଦନମୋହନ ଦତ, ମାନ୍ୟବର ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ପିଡି ଡିଆରଡିଏ ଶ୍ରୀ ତ୍ରିଲୋଚନ ପ୍ରଧାନ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ରେମୁଣାର ପୂର୍ବତନ ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ ବିଭାଗୀୟ ଅଧିକାରୀ, ଶିଳ୍ପ ଓ ବାଣିଜ୍ୟ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।





# ଅର୍ଥନୈତିକ ଗଣନାର ଜିଲ୍ଲାସ୍ତରୀୟ କମିଟିର ପ୍ରଥମ ବୈଠକ

ବାଲେଶ୍ୱର,୧୧।୬(ନି.ପ୍ର): ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ୭ମ ଅର୍ଥନୈତିକ ଗଣନାର ପ୍ରଥମ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାରେ ୭ମ ଅର୍ଥନୈତିକ ଗଣନା ଲାଗି କରାଯାଇଥିବା ପ୍ରସ୍ତୁତି ଏବଂ ଏଥିରେ ଅନୁସୃତ ହେବାକୁ ଥିବା ପଦ୍ଧତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅର୍ଥନୈତିକ ଗଣନାରେ ସଠିକ ତଥ୍ୟ ସଂଗ୍ରହ ଏବଂ ଏଥିରେ ନିୟୋଜିତ ସୁପରଭାଇଜର ଓ ଗଣନାକାରୀଙ୍କ ଉପଯୁକ୍ତ ପ୍ରଶିକ୍ଷଣ ଉପରେ ଜିଲ୍ଲାପାଳ ଶ୍ରୀ ରାଉତ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଓ ବ୍ଲକସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରି ଉପଯୁକ୍ତ ଭାବେ ତାଲିମ ପ୍ରଦାନ ଲାଗି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ସବ୍ୟସାଚୀ ଦତ ୭ମ ଅର୍ଥନୈତିକ ଗଣନାର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଦେଶର ଭୌଗୋଳିକ ସୀମାରେଖା ମଧ୍ୟରେ ଥିବା ସମସ୍ତ ଉଦ୍ୟୋଗ ଗୁଡିକର ସଂପୂର୍ଣ୍ଣ ଗଣନାକୁ ଅର୍ଥନୈତିକ ଗଣନା କୁହାଯାଏ ।



ଅର୍ଥନୈତିକ ଗଣନା ଦ୍ୱାରା ସଂଗ୍ରହ କରାଯାଉଥିବା ତଥ୍ୟ ଦେଶର ଯୋଜନା ପ୍ରଣୟନ ଓ ଉଦ୍ୟୋଗ ଗୁଡିକର ବିଭିନ୍ନ ଅର୍ଥନୈତିକ ଅବଦାନକୁ ଆକଳନ କରିବା ପାଇଁ ଆବଶ୍ୟକ ହୋଇଥାଏ । ପ୍ରଥମ ଥର ପାଇଁ ୧୯୭୭ ମସିହାରେ ଭାରତ ସରକାରଙ୍କ ଅଧିନସ୍ଥ କେନ୍ଦ୍ରୀୟ ପରିସଂଖ୍ୟାନ ସଂସ୍ଥା ଏବଂ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ସଂସ୍ଥା ଦ୍ୱାରା ଅର୍ଥନୈତିକ ଗଣନା କାର୍ଯ୍ୟ କରାଯାଇଥିଲା । ସେବେ ଠାରୁ ଆରମ୍ଭ କରି ବର୍ତମାନ ପର୍ଯ୍ୟନ୍ତ ଛଅଟି ଅର୍ଥନୈତିକ ଗଣନା ଶେଷ ହୋଇଅଛି । ୨୦୧୩ ମସିହାରେ ଅନୁଷ୍ଠିତ ଷଷ୍ଠ ଅର୍ଥନୈତିକ ଗଣନା ଅନୁଯାୟୀ ବାଲେଶ୍ୱର ଜିଲ୍ଲାରେ ମୋଟ ୧ଲକ୍ଷ ୩ହଜାର ୯୬୭ଟି ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଉଦ୍ୟୋଗ ରହିଥିବା ଜଣାପଡିଛି । ୭ମ ଅର୍ଥନୈତିକ ଗଣନା କାର୍ଯ୍ୟ ସାରା ଭାରତ ତଥା ଓଡିଶାର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେଉଅଛି । ଏହି ଗଣନା କାର୍ଯ୍ୟ ମଧ୍ୟ ବାଲେଶ୍ୱରର ସମସ୍ତ ଗ୍ରାମ ତଥା ସହରାଂଚଳରେ କାର୍ଯ୍ୟକାରୀ ହେଉଅଛି । ଏହି ଗଣନା କାର୍ଯ୍ୟ ପାଇଁ ସର୍ବମୋଟ ୬୪୬ ସୁପରଭାଇଜର ଏବଂ ୨୨୮୦ ଜଣ ଗଣନାକାରୀ ନିୟୋଜିତ ହୋଇଅଛନ୍ତି । ଏଥର ଗଣନା କାର୍ଯ୍ୟ କମନ ସର୍ଭିସ୍ ସେଂଟର( ଇ ଗଭର୍ଣ୍ଣାନ୍ସ ସର୍ଭିସେସ) ଇଣ୍ଡିଆ ଲିମିଟେଡ୍ ଦ୍ୱାରା ସଂପାଦନ କରାଯାଉଅଛି । ଜୁଲାଇ ମାସରେ ଆରମ୍ଭ ହେବାକୁ ଥିବା ଏହି ଗଣନା କାର୍ଯ୍ୟ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଅଛି । ପ୍ରଥମ ଥର ପାଇଁ ୭ମ ଅର୍ଥନୈତିକ ଗଣନା କାର୍ଯ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମାଧ୍ୟମରେ ପରିଚାଳନା କରାଯାଉଅଛି । ଏହି ଗଣନା କାର୍ଯ୍ୟ କରିବା ପାଇଁ ଗଣନାକାରୀ ଜିଲ୍ଲାର ସମସ୍ତ ଗ୍ରାମାଂଚଳ ଓ ସହରାଂଚଳରେ ଥିବା ପ୍ରତ୍ୟେକ ପରିବାର ଓ ବ୍ୟବସାୟିକ ଅନୁଷ୍ଠାନମାନଙ୍କୁ ଯାଇ ତଥ୍ୟ ସଂଗ୍ରହ କରିବେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଏମ, ଡିଆଇସି ଶ୍ରୀ ହରିହର ଜେନା, ଏଡି(ପ୍ଲାନିଂ) ଅକ୍ଷୟ କୁମାର ଓତା, ଏସଡିଆଇପିଆରଓ ଦୀପକ କୁମାର ସାହୁ, ଡିପିଏମୟୁ ଏସଓ ଶ୍ରୀ ମହେନ୍ଦ୍ର କୁମାର ସିଂ, ଏଏସଓ ଶ୍ରୀ ବନମାଳି ମହାପାତ୍ର, ସିଏସସି ଜିଲ୍ଲା ମ୍ୟାନେଜର ଶ୍ରୀ ଅରୂପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପୌରପରିଷଦ ପକ୍ଷରୁ ଭତ୍ତା ବଣ୍ଟନ



ଜଗତସିଂହପୁର,୧୧।୬(ନି.ପ୍ର): ଜଗତସିଂହପୁର ପୌରପରିଷଦ ତରଫରୁ ନିମାଇଁଭବନ ପରିସରରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌରନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଭତ୍ତାବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ୧୦୮ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ଶାରିରିକ ବିକଳାଙ୍ଗ ଭତ୍ତା, ବିଧବା ଭତ୍ତା ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ବ୍ରଜ ଗୋପାଳ ଆଚାର୍ଯ୍ୟ, ପୌରଯନ୍ତ୍ରୀ କୃଷ୍ଣଚନ୍ଦ୍ର ସେଠୀ, କନିଷ୍ଠ ଯନ୍ତ୍ରୀ ଦେବବ୍ରତ ମିଶ୍ର, ପୌରପରିଷଦର କର୍ମଚାରୀ ଦୀପକ ପଟ୍ଟନାୟକ, ସ୍ୱସ୍ତିତପା ଜେନା, ରଶ୍ମି ବଡୁ , ଟିକସ ଅସୁଲକାରୀ ସମେତ ପୌରପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ମାଟ୍ରିକ୍ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର୧୧।୬(ନି.ପ୍ର): ବାଲିଯାତ୍ରା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚଳିତ ବର୍ଷ ହାଇସ୍କୁଲ ପରୀକ୍ଷାରେ 'ଏ' ଗ୍ରେଡ୍‌ରେ ପାସ୍ କରିଥିବା ଛାତ୍ର ଛାତ୍ରୀଙ୍କୁ ସ୍ଥାନୀୟ କାନନବିହାରସ୍ଥିତ ଜୟଦେବ ଶିକ୍ଷାକେନ୍ଦ୍ର ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ ସରଳ, ନିରାଡମ୍ବର ଜୀବନଯାପନ ସତ୍‌ପଥରେ ଅଗ୍ରଗତି କରିବା ଛାତ୍ରଛାତ୍ରୀ ମାନଙ୍କର ଧର୍ମ । ସମାଜରେ ଭଲ ମଣିଷ ରୂପେ ଗଢ଼ି ସମାଜର ଉନ୍ନତି ପଥରେ ସାବ୍ଧିତ ହେବା ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ କର୍ତ୍ତବ୍ୟ । ବିଦ୍ୟାପୀଠର ସଭାପତି ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ ପ୍ରଥମେ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଦ୍ୟାପୀଠର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଦାରୁଠେଙ୍ଗ, ଚନ୍ଦକା, ଅନ୍ଧାରୁଆ, ମଞ୍ଚନାଥ, ପଟିଆ, ସୀତାନାଥ, କେନ୍ଦୁପାଟଣା ବାଳକ ଓ ବାଳିକା ହାଇସ୍କୁଲ ଓ ଜୟଦେବ ଶିକ୍ଷାକେନ୍ଦ୍ରର 'ଏ' ଗ୍ରେଡ୍‌ରେ ପାସ୍ କରିଥିବା ୪୦ ଜଣ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଭୁବନେଶ୍ୱର ବାଲିଯାତ୍ରା ସାଂସ୍କୃତିକ ପରିଷଦର ପୂର୍ବତନ ସଭାପତି ତଥା ପ୍ରତିଷ୍ଠାତା ସଦସ୍ୟ ଅଭୟ ବଡଜେନା ଏହି କାର୍ଯ୍ୟକ୍ରମଟିକୁ ଆୟୋଜନ କରିବା ସଙ୍ଗେ ସଙ୍ଗେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକାରୀ ସଭାପତି ଜୀବନ କୁମାର ବଡୁ, ବରିଷ୍ଠ ସାମ୍ବାଦିକ ସୁଧାଂଶୁ ଶେଖର ମହାପାତ୍ର ଉପସ୍ଥିତ ଥିଲେ । ସଂପାଦକ ତପନ କୁମାର ବଳିଆରସିଂ ଧନ୍ୟବାଦ ପ୍ରଦାନ କରିଥିଲେ ।



# ବ୍ରହ୍ମପୁରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ;ବଢୁଛି ଦୁର୍ଘଟଣା

ବ୍ରହ୍ମପୁର,୧୧।୬(ନି.ପ୍ର): ରେଶମ ନଗର ସହର ହେଉଛି ଦକ୍ଷିଣ ଓଡିଶାର ଏକ ବ୍ୟବସାୟୀକ ପ୍ରାଣ କେନ୍ଦ୍ର । ଗାଈ ମାଳମାଳ ,କିନ୍ତୁ ଦୁଇ ଗୋଡ଼ିଆ ଷଣ୍ଢ ଦୁର୍ବଳ। ଏହି ସହରକୁ ପ୍ରତି ଦିନ ବିଭିନ୍ନ ଜିଲ୍ଲା ଓ ରାଜ୍ୟରୁ ବହୁ ବ୍ୟବସାୟିକ, ପର୍ଯ୍ୟଟକ ଓ ବିଭିନ୍ନ ସଂଗଠନ ସଂସ୍ଥା ତରଫରୁ ଲୋକମାନେ ଆସିଥାନ୍ତି । ଏହି ସହରକୁ ଦିନକୁ ଦିନ ବଢୁଛି ଭିଡ , ଏବଂ ତାହା ସାଙ୍ଗକୁ ବଢୁଛି ପ୍ରବଳମାତ୍ରା ରେ ଦୁର୍ଘଟଣା । ଅକାଳରେ ଝଡିପଡୁଛି ଅନେକ ନିରୀହଙ୍କ ଜୀବନ । ଏହା ଏକ ଗୁରୁତର ଚିନ୍ତାଜନକ ବିଷୟ । ପ୍ରତି ଦିନ ଖବର କାଗଜରେ ସହରରେ ବୁଲା ଗାଈ ଓ କୁକୁର ମାନଙ୍କ ଦ୍ୱାରା ବହୁ ଦୁର୍ଘଟଣା ହୋଇଥିବାର ପାଠକ ପାଠୀକାଙ୍କ ନଜରରେ ପଡୁଛି । ଆଜି କାଲି ଘରୁ ବାହାରିଲେ ରାସ୍ତା ଘାଟ ଠାରୁ ଆରମ୍ଭ କରି ସବୁ ଠାରେ ମାଳ ମାଳ ହୋଇ ଗାଈ ଦେଖିବାକୁ ମେଳୁଛି । ତାହା ସାଙ୍ଗକୁ ପ୍ରତି ସାହି ଗଳି,କନ୍ଦିରେ ମଇଁଷୀ,ବୁଲା କୁକୁର ମାନଙ୍କୁ ଦେଖିବାକୁ ମେଳୁଛି । ବ୍ରହ୍ମପୁର ନଗର ନିଗମ ଓ ଜିଲ୍ଲା ପ୍ରଶାସନ ତରଫରୁ ଆଜି ଯାଏଁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏହି ବୁଲା ଗାଈ ଓ କୁକୁର ମାନଙ୍କ ଯୋଗୁଁ ପ୍ରତି ଦିନ ସହର ମଧ୍ୟରେ ୪ରୁ ଉର୍ଦ୍ଧ୍ୱ ନିରୀହ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ସେହି ଭଳି ବ୍ରହ୍ମପୁର ସହରର ବିଭିନ୍ନ ଓାର୍ଡ ନଂ ଯଥା ୧ ଓ ୨ ନଂ ଅଧିନରେ ଥିବା ହରିଡାଖଣ୍ଡି ବନ୍ଧର ପୁନର୍ଧାର,ଲକ୍ଷ୍ମୀନୃସିଂଘ ସାହି ଓ ଧର୍ମନଗର ସାହି ମଝିରେ ଥିବା ନାଳରୁ ମାଟି ଓ ଆବର୍ଜନା ସଫା କରିବା ଓ ଅଂଚଳରେ ବୁଲା ଗାଈ,ଓ କୁକୁର ମାନଙ୍କ ଯୋଗୁଁ ହେଉଥିବା ନାନା ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସହରବାସୀ । ତେଣୁ ଏହାକୁ ନିୟନ୍ତ୍ରଣ କରିବା ସକାଶେ ଅଂଚଳର ଆଇନଜୀବୀ ସଂଘ ମିଶି ବ୍ରହ୍ମପୁର ମହାନଗର ନିଗମ ର କମିଶନରଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଆଗକୁ ବର୍ଷା ଋତୁ ର ଆଗମନ ହେଉଥିବା ଯୋଗୁଁ ସହର ଗୁଡିକରେ ନିର୍ମାଣ ହେଉଥିବା ନର୍ଦ୍ଦମା,ନାଳ, ଓ ରାସ୍ତାର ମରାମତି ପାଇଁ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଥିଲା। ବ୍ରହ୍ମପୁର ସହରର ପ୍ରତି ସାହି ଗଳି କନ୍ଦିରେ ବୁଲା କୁକୁର ଓ ଗାଈ ଗୋରୁ ମାନଙ୍କର ପ୍ରାଦୁର୍ଭାବ ବଢିବାରେ ଲାଗିଛି । ଏହା ଦ୍ୱାରା ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଉପୁଯୁଛି । ବହୁ ପୁର୍ବରୁ ପ୍ରଶାସନ ତରଫରୁ ଗାଈମାଲିକ ମାନଙ୍କୁ ସୁଚନା ଦେଥିଲେ ମଧ୍ୟ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏଣୁ ଉକ୍ତ ବୁଲା କୁକୁର ଓ ଗାଈ ମାନଙ୍କୁ ପ୍ରାଦୂର୍ଭାବ ରୋକିବା ପାଇଁ ଯଥା ଶୀଘ୍ର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନସାଧାରଣ ମହଲରେ ଦାବୀ ହୋଇଛି । ଏହି ବିଷୟକୁ ଅତି ଗୁରୁତର ସହ ନେଇ ଆବଶ୍ୟକୀୟ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ଆଇନଜୀବୀ ମହଲରୁ ଅନୁରୋଧ କରାଯାଇଛି ।



## ନେପାଳରେ ବସ୍ ଦୁର୍ଘଟଣା: ୨ ଓଡିଆଙ୍କ ମୃତ୍ୟୁ, ୧୦ ଗୁରୁତର

ଡେଲାଙ୍ଗ,୧୧।୬(ନି.ପ୍ର): ନେପାଳରେ ହୋଇଥିବା ବସ୍ ଦୁର୍ଘଟଣାରେ ଦୁଇ ଓଡିଆ ପ୍ରାଣ ହରାଇଛନ୍ତି। ଭାରତ-ନେପାଳ ସୀମା ନିକଟବର୍ତ୍ତୀ କାଠମୁଣ୍ଡାରୁ ଜୟନଗର ଷ୍ଟେସନକୁ ଫେରୁଥିବା ବେଳେ ଓଲଟି ପଡିଥିଲା ବସ୍। ବସ୍‌ରେ ମୋଟ୍ ୬୦ଜଣ ଯାତ୍ରୀଥିବା ବେଳେ ସେମାନେ ପ୍ରାୟତଃ ପୁରୀ ଓ ଖୋର୍ଦ୍ଧା ଅଞ୍ଚଳର ଥିଲା। ସୂଚନା ମିଳିଛି। ତେବେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ୨ ବ୍ୟକ୍ତି ହେଉଛନ୍ତି ଖୋର୍ଦ୍ଧା ହେଉଛନ୍ତି। ଖୋର୍ଦ୍ଧା ଜିଲ୍ଲା ମଳିପଡା ଜଙ୍କିଆର ଚରଣ ବିଶ୍ୱାଳ ଓ ପୁରୀଜିଲ୍ଲା ଡେଲାଙ୍ଗ ଯମୁନା ଗ୍ରାମର ବିଜୟ ଜେନା। ଦୁଇ ଜଣଙ୍କର ମୃତ୍ୟୁ ଓ ଦଶଜଣରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିବା ନେଇ ଡେଲାଙ୍ଗ ଥାନା ଅଧିନସ୍ଥ ହରିରାଜପୁର ଫାଣ୍ଡି ଅଧିକାରୀ ପ୍ରକାଶ ମାଲିକଙ୍କୁ ସୂଚନା ମିଳିଥିବା ସେ କହିଛନ୍ତି।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜଗତସିଂହପୁର,୧୧।୬(ନି.ପ୍ର): ଟାଉନହଲ ଠାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଏକ ସଚେତନ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାନିଟାରୀ ଏକ୍ସପର୍ଟ ଦିପ୍ତିଦିପାଲି ମହାପାତ୍ର ଯୋଗଦେଇ ପୌରପରିଷଦର ପରିମଳ ବିଭାଗରେ କାର୍ଯ୍ୟକରୁଥିବା ସଫେଇ କର୍ମଚାରୀ ମାନଙ୍କୁ ପ୍ରଶିକ୍ଷଣ ଦେବାସହିତ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ।

## କଣ୍ଟାବଲ୍ଲଭପୁର ସେବା ସମବାୟ ସମିତି ପକ୍ଷରୁ ମୁଗମଣ୍ଡି ଉଦ୍‌ଘାଟିତ

ଜଗତସିଂହପୁର,୧୧।୬(ନି.ପ୍ର): ହାଟବଜାରେ ଠାରେ ଥିବା କୃଷକ ବଜାର ପରିସରରେ କଣ୍ଟାବଲ୍ଲଭପୁର ସେବାସମବାୟ ସମିତିଲିଃ ପକ୍ଷରୁ ସରକାରୀ ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପରିଷଦ ସଭ୍ୟ ଜଗନ୍ନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ୍ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଯଁକୋଟି ସରପଞ୍ଚ ମାନସ ରଂଜନ ସେଠୀ.ସମାଜସେବୀ ପ୍ରଫୁଲ ରାଉତ,ଦିପ୍ତି ଦାସ,ବ୍ଲକ ଅଧକ୍ଷା ବିଜୟଲକ୍ଷ୍ମୀ ବେହେରା,ପୂର୍ବତନ ବ୍ଲକ ଅଧକ୍ଷ ପ୍ରସନ୍ନ ସ୍ୱାଇଁ,ସମବାୟ ବ୍ୟାଙ୍କ ଶାଖାପରଚାଳକ କୈଳାସ ଚନ୍ଦ୍ର ପାଲ,ଏଆରସିଏସ,ଦୋଳଗୋବିନ୍ଦ ଦାଶ,ମନୋଜ ଭୋଇ,କୃଷି ବିଭାଗର ନୀଳମଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦାୟକ ଶ୍ରୀ ମୁଦୁଲି ତାଙ୍କ ବକ୍ତବ୍ୟରେ କହିଥିଲେ ରାଜ୍ୟ ସରକାର କୃଷକ ମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି ଏପରିକି କାଳିଆ ଯୋଜନାରେ କୃଷକ ମାନେ ବେଶ ଉପକୃତ ହୋଇଛନ୍ତି। ଆଗାମୀ ଦିନରେ ସମସ୍ତ ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ।

# କୋଣାର୍କରେ ରଜ ଉତ୍ସବ ପାଇଁ ପ୍ରସ୍ତୁତି

କୋଣାକ,୧୧।୬(ନି.ପ୍ର): ସ୍ଥିତ ମା' ଭଗବତୀଙ୍କ ପୀଠରେ ଅର୍କଶ୍ରୀ ପକ୍ଷରୁ ଆୟୋଜିତ ଚାରିଦିନିଆ ରଜ ଉତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପାଶ୍ଚାତ୍ୟ ସଂସ୍କୃତିର ଚାକଚକ୍ୟତାର ପ୍ରଭାବରେ ଏବେ ଗ୍ରାମାଞ୍ଚଳମାନଙ୍କରେ ଓଡ଼ିଶାର ପ୍ରାଚୀନ ସଂସ୍କୃତିର ସ୍ମୃତି ବହନ କରୁଥିବା ରଜପର୍ବ ସ୍ୱତନ୍ତ୍ରତା ହରାଇଥିବା ବେଳେ ବିଗତ ୧୮ ବର୍ଷ ଧରି କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆର୍କଶ୍ରୀର ସଂପାଦକ ଉମେଶ ସ୍ୱାଇଁଙ୍କ ଉଦ୍ୟମରେ ଆୟୋଜିତ ହୋଇଆସୁଛି ପରବ ରାଣୀ ରଜ ଉତ୍ସବ । ଚଳିତ ବର୍ଷ ୧୯ତମ ରଜ ଉତ୍ସବକୁ ଧୁମଧାମରେ ପାଳନ କରିବା ପାଇଁ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠ ହୋଇ ଉଠିଛି ଚଳଚଞ୍ଚଳ । ଗତ ମେ ମାସ ୩ତାରିଖରେ ସାମୁଦ୍ରିକ ଝଡ ଫନିରେ ମା' ଭଗବତୀଙ୍କ ପୀଠରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବୃକ୍ଷରାଜି ଉଜୁଡି ଯାଇଥିଲେ ମଧ୍ୟ ମା'ଙ୍କ ପୀଠରେ ଥିବା ବିଶାଳକାୟ ବଟବୃକ୍ଷର ଶାଖା ପ୍ରଶାଖାରେ ଝୁଲୁଛି ଶତାଧିକ ଦୋଳି । ଆବାଳବୃଦ୍ଧବନିତା ଉତ୍ସବ ସ୍ଥଳିରେ ସମବେତ ହୋଇ ଝୁଲିବେ ରଜ ଦୋଳି । ମହିଳା ଓ ଯୁବତୀମାନେ ପରସ୍ପରକୁ ଅଳତା ଲଗାଇ ହୋଇବେ ରଜସଜବାଜ । ଉତ୍ସବସ୍ଥଳୀରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା, ମୁଢ଼ି ଓ ରଜପାନର ଷ୍ଟଲ ମାନ ଖୋଲିବାର ବ୍ୟବସ୍ଥା କରାଯାଇଛି । ଚାରିଦିନିଆ ଏହି ଉତ୍ସବର ପ୍ରତ୍ୟକ ଦିବସରେ ବିଭିନ୍ନ ପ୍ରକାର ପାରମ୍ପରିକ ପ୍ରତିଯୋଗୀତା ହୁଳହୁଳି, କାନ୍ଦଣା, ଝୋଟି, ତାସ, ଲୁଡୁ, ମେହେନ୍ଦି, ପୁଚି, ନଡ଼ିଆ ଲଢ଼େଇ ପ୍ରଭୃତି ଆୟୋଜିତ ହୋଇ ଉତ୍ସବ ସ୍ଥଳୀକୁ ରଜମୌଜରେ ଉଲ୍ଲସିତ କରିବା ପାଇଁ ସ୍ଥିର ହୋଇଛି । ପ୍ରତିବର୍ଷ ପରି ଚଳିତବର୍ଷ ମଧ ସମାଜର ବିଭିନ୍ନ କ୍ଷତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆୟୋଜକ କମିଟି ପକ୍ଷରୁ ଅର୍କଶ୍ରୀ ଓ ଅର୍କପ୍ରଭା ସମ୍ମାନରେ ସମ୍ମାନିକ କରାଯିବ । ଚାରିଦିନ ବ୍ୟାପି ଏହି ଉତ୍ସବ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ କୋଣାର୍କ ପୁଲିସି ପକ୍ଷରୁ ବ୍ୟାପକ ବ୍ୟବସ୍ତା କରାଯାଇଛି । କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣ ଏହି ରଜ ଉତ୍ସବରେ ଭାଗ ନେଇ ରଜ ମୌଜରେ ନିଜକୁ ହଜାଇ ଦେବା ପାଇଁ ଆୟୋଜକ କମିଟିର ସଦସ୍ୟମାନେ ଅନୁରୋଧ କରୁଛନ୍ତି ।



# ବର୍ଜ୍ୟବସ୍ତୁ ଓ ପଲିଥିନ୍‌ମୁକ୍ତ ସମ୍ପର୍କିତ ପ୍ରଶିକ୍ଷଣ ଶିବିର



କେନ୍ଦୁଝର,୧୧।୬(ନି.ପ୍ର): କେନ୍ଦୁଝରଗଡ଼ ପୌରପାଳିକା ଆନୁକୂଲ୍ୟରେ ଚଳିତ ଜୁନ୍ ୧୧ ତାରିଖ ଦିନ ନଗର ଭବନଠାରେ ବର୍ଜ୍ୟବସ୍ତୁ ଓ ପଲିଥିନ୍‌ମୁକ୍ତ ସହର ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା କର୍ମୀ, ସ୍ୱେଚ୍ଛାସେବୀ ଓ ଓ୍ୱାର୍ଡ ପରିମଳ କମିଟିର କର୍ମକର୍ତା ଓ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ ଶିବିରରେ ବର୍ଜ୍ୟବସ୍ତୁ ପରିଚାଳନା ଓ ପଲିଥିନ୍‌ମୁକ୍ତ ସହର ସମ୍ପର୍କିତ ବିଭିନ୍ନ ଦିଗ ଉପରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା। କେନ୍ଦୁଝରଗଡ଼ ପୌରପାଳିକାର ଗୋଷ୍ଠୀ ସଙ୍ଗଠକ ମୋତିଲାଲ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ପ୍ରଶିକ୍ଷକ ଭାବେ କେନ୍ଦୁଝରଗଡ଼ ପୌରପାଳିକାର ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ବେହେରା, ପରିମଳ ନିରୀକ୍ଷକ ବାଲ୍ୟମୁକୁନ୍ଦ ମିଶ୍ର ଓ ପ୍ରମୋଦ କୁମାର ପଟ୍ଟନାୟକ ବିଶଦ୍ ଭାବେ ପ୍ରଶିକ୍ଷଣ ଦେଇଥିଲେ। ଗୋଷ୍ଠୀ ସଙ୍ଗଠକ ସସ୍ମିତା ନାୟକ, ରାଜଶ୍ରୀ ମିଶ୍ର, ସୁଧିର ଚରଣ ବେହେରା, ଅନୀଲ କୁମାର ଦାସ ପ୍ରମୁଖ ପ୍ରଶିକ୍ଷଣ ଶିବିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

ବୁଧବାର,୧୨ ଜୁନ୍ ୨୦୧୯, ଭୁବନେଶ୍ୱର
Wednesday, 12 June 2019, Bhubaneswar



ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଭୟଙ୍କର ଏଡ୍‌ସ

ଏ ପର୍ଯ୍ୟନ୍ତ ବିଶ୍ୱରେ ତିନିଗୋଟି ରୋଗର ନିବାରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନାହିଁ। ଏହି ରୋଗ ଗୁଡିକ ହେଲେ ଏଡ୍‌ସ, ମଧୁମେହ ଏବଂ ଡେଙ୍ଗୁ। ଏମାନଙ୍କ ମଧ୍ୟରେ ଭୟଙ୍କର ଏବଂ ମାରାତ୍ମକ ହେଉଛି ଏଡ୍‌ସ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୨୦୦୫ ସୁଦ୍ଧା ପୃଥିବୀରେ ୪କୋଟି ୩୦ଲକ୍ଷ ଲୋକ ଏହି ଜୀବାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିଲେ। ୧୯୮୧ ଏବଂ ୨୦୦୭ ମଧ୍ୟରେ ପ୍ରାୟ ୨୫ ନିୟୁତ ଲୋକ ପ୍ରାଣ ହରାଇଥିଲେ ଏବଂ ୩୩.୨ ନିୟୁତଲୋକ ବିଶ୍ୱରେ ଆକ୍ରାନ୍ତ ହୋଇ ଜୀବନ ବିତାଉଥିଲେ। ଏହା ବିଶ୍ୱ ଇତିହାସରେ ଏକ ଭୟଙ୍କର ବେମାର। ନାନାପ୍ରକାର ପ୍ରତିଷେଧକ ବ୍ୟବସ୍ଥାର ପ୍ରୟୋଗ ସତ୍ତ୍ୱେ ତଥାପି ୨୦୦୭ ବେଳକୁ ୨ ନିୟୁତ ଲୋକ ଏଥିରେ ଆକ୍ରାନ୍ତ ଥିଲେ ଯେଉଁ ମାନଙ୍କ ମଧ୍ୟରେ କେବଳ ଶିଶୁଥିଲେ ୨୭୦୦୦୦ ଜଣ। ସଂପ୍ରତି ବିଶ୍ୱରେ ଏହି ସଂଖ୍ୟା ୩୩ନିୟୁତ ଥିଲା ବେଳେ, ଆମ ଭାରତରେ ଏହି ସଂଖ୍ୟା ୨.୫ନିୟୁତ ଓ ଓଡିଶାରେ ଏ ସଂଖ୍ୟା ୨୬,୩୦୦ଅଛି। ଓଡିଶାରେ ଗଂଜାମ ଜିଲ୍ଲାରେ ଆମରାଜ୍ୟ ଏଡ୍‌ସ ରୋଗୀ ସଂଖ୍ୟାରେ ପ୍ରାୟ ୪୦% ବାସ କରନ୍ତି । ଗଂଜାମ ବ୍ୟତୀତ, କଟକ, ଖୋର୍ଦ୍ଧା, ସମ୍ବଲପୁର, କୋରାପୁଟ, ରାୟଗଡା, ପୁରୀ, ବାଲେଶ୍ୱର ଏବଂ ଅନୁଗୁଳ ଜିଲ୍ଲାମାନଙ୍କରେ ଏ ସଂକ୍ରମିତ ସଂଖ୍ୟାମଧ୍ୟ କମ୍ ନୁହେଁ। ଏ ପ୍ରକାର ରୋଗର ସମ୍ବନ୍ଧରେ ପ୍ରଥମ ସୂଚନା ୧୯୮୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଜର୍ଜିଆ ପ୍ରଦେଶର ନିୟନ୍ତ୍ରଣ କେନ୍ଦ୍ରରୁ ମିଳିଥିଲା ଏବଂ ଆମ ଭାରତରେ ୧୯୮୬ ମସିହାରେ ପ୍ରଥମେ ଏ ସୂଚନା ତାମିଲନାଡୁରୁ ମିଳିଥିଲା। ୧୯୯୨ ମସିହାରେ ପ୍ରଥମ ଏଡ୍‌ସ ରୋଗୀକୁ ଚିହ୍ନଟ କରାଯାଇଥିଲା।

ଏହି ଭୂତାଣୁ ରୋଗୀର ରକ୍ତ କୋଷ, ବୀର୍ଯ୍ୟ , ଲୁହ, ଲାଳ , ମା କ୍ଷୀର ଏବଂ ସ୍ତ୍ରୀ ମାନଙ୍କ ଜନନ୍ଦ୍ରିୟ ଦ୍ୱାରରୁ ବାହାରୁଥିବା ଲାଳରେ ଥାଆନ୍ତି। ଏଣୁ ଏଚ୍‌ଆଇଭି ସଂକ୍ରମଣ ଜନିତ ରୋଗୀ ସହିତ ସଂପର୍କ ରଖିଲେ ବିଶେଷ କରି ଯୌନ ସଂପର୍କ ଅଥବା ରକ୍ତ ସଂପର୍କ ରଖିଲେ, ଜଣଙ୍କ ଠାରୁ ଏହା ଅନ୍ୟ ଙ୍କୁ ବାହିତ ହୋଇଥାଏ। ଏ ସଂକ୍ରମଣର ୫ଟି ମାର୍ଗ ଅଛି। ଶାରୀରିକ ସଂପର୍କ-୧; ଆକ୍ରାନ୍ତ ବ୍ୟକ୍ତିର ରକ୍ତ ସୁସ୍ଥବ୍ୟକ୍ତି ଗ୍ରହଣ କଲେ- ୨; କିମ୍ବା ବ୍ୟବହୃତ ଛୁଂଚି ଯଦି ଅନ୍ୟ କୌଣସି ବ୍ୟକ୍ତିଠାରେ ବ୍ୟବହାର ହୁଏ-୩, ଆକ୍ରାନ୍ତ ଅଂଗ ଅନ୍ୟ କାହାଠି ପ୍ରତିରୋପଣରେ ବ୍ୟବହାର ହୁଏ-୪, ଏବଂ ଗର୍ଭାବସ୍ଥାରେ ଏଚ୍.ଆଇ.ଭି ଆକ୍ରାନ୍ତ ମା'ଠାରୁ ଶିଶୁକୁ ଏହା ସଂକ୍ରମିତ ହୁଏ । ଆକ୍ରାନ୍ତ ମା'ମାନେ ନିଜ ଛୁଆକୁ କ୍ଷୀର ପାନ କରାଇବା ଦ୍ୱାରା ଏହି ରୋଗ ସଂକ୍ରମିତ ହୁଏ। ଜନ୍ମହେବାର ୧୮ମାସ ଭିତରେ ୩୦% ଶିଶୁ ଏହି ରୋଗରେ ପଡିଥାନ୍ତି । ଏହି ଶିଶୁମାନଙ୍କ ମଧ୍ୟରୁ ଅଧିକାଂଶ ଏକବର୍ଷ ଭିତରେ ଏବଂ ଅନ୍ୟମାନେ ୫ବର୍ଷ ଭିତରେ ମୃତ୍ୟୁ ବରଣ କରିଥାନ୍ତି। ଉପରୋକ୍ତ କାରଣ ଗୁଡିକ ବାଦ୍ ଦେଲେ ଦାରିଦ୍ର୍ୟ , ନିର୍ଯ୍ୟାତନା ଅନାହାର, ଅସହାୟତା ,ସମଲିଂଗ ସଂପର୍କ , ନିଶାସେବନଏବ ବୈଧବ୍ୟ ଇତ୍ୟାଦି ଏଡ୍‌ସ ରୋଗର ମଧ୍ୟ କାରଣ ଅଟନ୍ତି। ଏ ରୋଗର ପରିପ୍ରକାଶ ପାଇଁ ୨ମାସରୁ ୨୦ବର୍ଷ ସମୟ ଲାଗେ। କେତେକ କ୍ଷେତ୍ରରେ ୧୦ବର୍ଷରେ ଏହାର ଲକ୍ଷଣ ଦେଖାଯାଏ। ଏହି ରୋଗର ଲକ୍ଷଣ ସ୍ୱରୂପ ପ୍ରଥମେ ଜ୍ୱରହେବା, ମାଂସପେଶୀ ଦରଜ ଲାଗିବା, ଲିମ୍ଫୋଗ୍ଲାଣ୍ଡ ଫୁଲିବା ଇତ୍ୟାଦି ଦେଖାଯାଏ।'ହୁ'ର ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ତ୍ତମାନ ପ୍ରାୟ ୪ କୋଟି ଲୋକ ଏଚଆଇଭି ଏଡ୍‌ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । କିନ୍ତୁ ସେଥିମଧ୍ୟରୁ ୨୧ଲକ୍ଷ କିଶୋର ବି ଏଡ୍‌ସରେ ଆକ୍ରାନ୍ତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ମାତୃଗର୍ଭରୁ ଏଡ୍‌ସର ଶିକାର ହୋଇଥିବାବେଳେ ଅଧିକାଂଶ କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରକ ଯୋଗୁଁ ଏଡ୍‌ସ ପଞ୍ଝାରେ ପଡ଼ି ଯାଇଛନ୍ତି । ବିଶେଷକରି ଅସୁରକ୍ଷିତ ଯୌନ ସମ୍ପର୍କ, ଡ୍ରଗ୍ ବ୍ୟବହାର ପାଇଁ ଏଭଳି ବିପଦ ଭିତରକୁ କିଶୋରମାନେ ଠେଲି ହୋଇଯାଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି । ନିକଟରେ ରାଜ୍ୟ ସରକାରଙ୍କ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୩୫୧୫ଜଣ ଏଡ୍‌ସ ରୋଗୀ ଚିହ୍ନଟ ହୋଇଛନ୍ତି । ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ଥାନ ୧୪ରେ ରହିଛି । ସର୍ବାଧିକ ଏଡ୍‌ସ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ତାହା ପଛକୁ କଟକ ଓ ପରବର୍ତ୍ତୀ କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲା ରହିଛି ।

# ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ

**ଡଃ.ଅରୁନ୍ଧତୀ ଦେବୀ**

ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପ୍ରତିବର୍ଷ ୧୨ ଜୁନ୍‌ରେ ପାଳିତ ହୋଇଥାଏ । ବିଶ୍ୱରେ ଶିଶୁ ଶ୍ରମକୁ ସମ୍ପୂର୍ଣ୍ଣ ନିରୋଧ କରିବା ଏହି ଦିବସ ପାଳନର ଅଭିପ୍ରାୟ । ଅନ୍ତରାଷ୍ଟ୍ରୀୟ ଶ୍ରମିକ ସଂଗଠନ ଦ୍ୱାରା ସର୍ବପ୍ରଥମେ ୨୦୦୨ରେ ଏହି ଦିବସ ପାଳନ କରାଯାଇଥିଲା । ସେବେଠୁ ପ୍ରତିବର୍ଷ ଏହା ପାଳିତ ହୋଇଆସୁଛି । ସମାଜରେ ସବୁଠୁ ବଡ଼ ଅପରାଧ ହେଉଛି ଶିଶୁଙ୍କୁ ଶ୍ରମିକ ଭାବେ ଖଟାଇବା । ଏହା ଦେଶ ପାଇଁ ଏକ ଅଭିଶାପ । ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ଅନୁସାରେ, ବିଶ୍ୱରେ ୨୧୫ ମିଲିୟନ୍ ଶିଶୁ ଶ୍ରମିକ ଭାବେ କାମ କରୁଛନ୍ତି । ଏଥିରୁ ୧୫୮ ମିଲିୟନ୍ ଶିଶୁଙ୍କ ବୟସ ୫-୧୪ ବର୍ଷ । ବର୍ତ୍ତମାନ ଲକ୍ଷ ଲକ୍ଷ ଶିଶୁଙ୍କୁ ବେଆଇନ ଭାବେ ସ୍ଥାନାନ୍ତର କରାଯାଉଛି । ଅର୍ଥ ଲୋଭରେ ସେମାନଙ୍କୁ ବିକ୍ରି କରାଯାଇ ନର୍କ ଯନ୍ତ୍ରଣା ଭୋଗିବାକୁ ଛାଡ଼ି ଦିଆଯାଉଛି । ଶିଶୁ ଶ୍ରମିକ ରୋକିବାକୁ ସରକାର ଅନେକ ଆଇନ ତିଆରି କରିଛନ୍ତି । ହେଲେ ଏ ସବୁ କେବଳ କାଗଜ କଲମରେ ସୀମିତ ଥିବା କୁହାଯାଉଛି । ଏବେ ବି ଅନେକ ସ୍ଥାନରେ ପଢ଼ା ବହି ଧରିବା ହାତରେ ଅଇଁଠା ବାସନ କିମ୍ବା ମାଟି ଗାଣ୍ଡୁଆ ଧରିଥିବା ଶିଶୁଙ୍କୁ ଦେଖିବାକୁ ମିଳୁଛି । ଏହାକୁ ସମ୍ପୂର୍ଣ୍ଣ ଭାବେ ବିନାଶ କରିବାକୁ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସରେ ସାମାଜିକ ସଂଗଠନ ଓ ସରକାର ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି । ସଂପ୍ରତି ବିଶ୍ୱ ସମୁଦାୟ ଆଗରେ ଶିଶୁଶ୍ରମ ଏକ ଉତ୍କଟ ବ୍ୟାଧିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। କୁହାଯାଏ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ଶିଶୁମାନଙ୍କ ପ୍ରତି ଆମ ସମସ୍ତଙ୍କ ଭିତରେ ଶ୍ରଦ୍ଧା ଓ ଭଲ ପାଇବା ବଢ଼ିଲେ ଏହି ଦିବସର ତାତ୍ପର୍ଯ୍ୟ ବଢ଼ିପାରିବ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର*

# ବଦଳିବେ ମୋଦି : ବଦଳିବ ଓଡ଼ିଶାର ବିଜେପି ଚେହେରା

**ଡାକ୍ତର ନୀଳମାଧବ ପୃଷ୍ଟି**

ମୋଦି ସୁନାମୀ ସମଗ୍ର ଭାରତରେ ତାର ଲହର ଦେଖାଇ ଦେବା ସହ ପଶ୍ଚିମବଙ୍ଗ ପରି କଣ୍ଟାରେ ଲଢୁଥିବା ମମତା ବାନାର୍ଜୀଙ୍କ ପରି ଫାୟାର ବ୍ରାଣ୍ଡ ନେତ୍ରୀଙ୍କୁ ବି ଚିତ୍‌ପଟାଙ୍ଗ କରି ଦେଇଛି ଏହି ଦଳ। ଓଡ଼ିଶାରେ ୧୨୦ ବିଧାନସଭା ଆସନ ଜିଣିବା ସକାଶେ ରାଜ୍ୟ ବିଜେପିର ଯୋଜନା ବିଫଳ ହୋଇଥିଲେ ବି ୧୨୦ ଯାଗାରେ ୨୩ଟି ଆସନ ନିଜ ପକେଟକୁ ନେଇଛି। ଗତଥର ଗୋଟିଏ ସଂସଦୀୟ ଆସନ ପାଇଥିବା ବିଜେପି ୮ଟି ସାଂସଦୀୟ କ୍ଷେତ୍ରରେ ନିଜ ଗୈରିକବାନା ଉଡାଇପାରିଛି। ଭାଜପାକୁ ଓଡ଼ିଶା ବିଧାନସଭାରେ ମୁଖ୍ୟ ବିରୋଧୀ ଦଳର ମର୍ଯ୍ୟାଦା ମଧ ମିଳିଛି। ବିଧାନସଭା ଦଳକୁ ୩୨% ଓ ଲୋକସଭାରେ ୩୮% ଭୋଟ ମିଳିଥିବାବେଳେ ଦଳ ଏହାକୁ ନେଇ ମାନସ ଚିନ୍ତନ କରୁଛି। ଓଡ଼ିଶାରେ ବିଜେପି ନରେନ୍ଦ୍ର ମୋଦିଙ୍କ ନାମ ନେଇ ଓଡ଼ିଶାର ବିଜେପି ପୋଷ୍ଟର ବୟ ଧର୍ମେନ୍ଦ୍ର ପ୍ରଧାନ, ବସନ୍ତ ପଣ୍ଡା, କନକବର୍ଦ୍ଧନ ସିଂହଦେଓଙ୍କ ନାଁ ନେଇ ଦଳ ଆଗେଇ ଚାଲିଥିଲା। ତେବେ ଏହା ମଧ ସତ୍ୟ ବିଜେପିର ରାଜ୍ୟ ନେତୃତ୍ୱ ଅନେକ ସ୍ଥାନରେ ସଠିକ ପ୍ରାର୍ଥୀ ଦେଇନଥିଲେ। ଯାହା ପୂର୍ବରୁ ବିଜେଡ଼ି ଓ କଂଗ୍ରେସ ଦଳବଳ ଧରି ପ୍ରଚାରକୁ ଆଗେଇ ନେଇଯାଇପାରିଥିଲେ। ତେବେ ବିଜେପି ପାଇଁ ବଡ଼ କାରଣ ହେଉଛି ହାଇ କମାଣ୍ଡଙ୍କ ମତିଗତି। ନିର୍ବାଚନ ପୂର୍ବରୁ ପ୍ରଧାନ ମନ୍ତ୍ରୀ ମୋଦି ନବୀନ ସରକାରଙ୍କୁ ଫେରିବା ପରିବର୍ତ୍ତେ ସାଲିସର ସଙ୍କେତ ଦେଇଥିଲେ ଯାହାଦ୍ୱାରା ବିଜେଡ଼ି ଓ ବିଜେପି କର୍ମୀମାନେ ଅସନ୍ତୁଷ୍ଟ ହେବା ସହ



ନିଜକୁ ଚୁପ୍ ରଖିଥିଲେ। ତେବେ ନିକଟରେ କେନ୍ଦ୍ରର ଦାୟିତ୍ୱ ନେବା ପରେ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ ଯୁଗ୍ମବାର୍ତ୍ତାରେ ତଥ୍ୟ ଦେଇଛନ୍ତି ଯେ ୨୦୨୪ରେ ୧୨୦ ବିଜେପି ସଭ୍ୟଙ୍କ ପ୍ରବେଶ ବିଧାନ ସଭା ପାଇଁ ଯଥେଷ୍ଟ। ପଶ୍ଚିମବଙ୍ଗରେ ଏଥର ଭାଜପାର ଭୋଟ ହାର ୪୦ ଟପିବାର ବଡ଼ କାରଣ ଥିଲା ଲୋକମାନଙ୍କ ଭିତରେ ଯେ ମମତାଙ୍କ ତୃଣମୂଳ କଂଗ୍ରେସ କେବଳ ବିଜେପି କି ହିଁ ଟକ୍କର ଦେଇପାରିବେ। ୨୦୨୧ ନିର୍ବାଚନ ଲାଗି ଭାଜପା ପଶ୍ଚିମବଙ୍ଗରେ ୨୫୦ଟି ଆସନ ଜିଣିବାକୁ ଲକ୍ଷ୍ୟ ରଖିଛି। ଲୋକସଭାରେ ୨୩ଟି ଆସନ ଜିଣିବାକୁ ଟାର୍ଗେଟ କରି ଦଳ ଜିତିଛି ୧୮ଟି ଆସନ। ବିଜୁ ଜନତା ଦଳର ଉପବାଚସ୍ପତି ପଦ ପାଇଁ ଭାଜପାର ପ୍ରସ୍ତାବ ରାଜ୍ୟରେ ଦଳୀୟ କର୍ମୀଙ୍କୁ ଖୁବ୍ ନିରାଶ କରିଦେଲାଣି। କାରଣ ଓଡ଼ିଶାରେ ବିଜେପ ବିଜେଡ଼ି ବିରୁଦ୍ଧରେ ବଡ଼ ସଙ୍ଗଠନ କରି ଖାତା ଖେଳିଥିଲା। ବିଜେଡ଼ିର ବରିଷ୍ଠ ସାଂସଦ ଭର୍ତ୍ତୃହରିବାବୁଙ୍କ ଯୋଗ୍ୟତା ଓ ପ୍ରତିଭା ଯାହା ଲୋକସଭାର ଉପବାଚସ୍ପତି କରିବା ପାଇଁ ଯଦି ସର୍ବଦଳୀୟ ପ୍ରସ୍ତାବ ଆସେ ସେ ନିଶ୍ଚୟ ଜୟଯୁକ୍ତ ହେବେ। ତେବେ ରାଜ୍ୟ ନେତା ମାନେ ବିଶେଷକରି କେନ୍ଦ୍ରୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁପରି ପ୍ରଚୁର ସମୟ ଓ ଅକ୍ଳାନ୍ତ ପରିଶ୍ରମ ଦେଇଛନ୍ତି ତାର ମୂଲ୍ୟ କୋଟି କୋଟି ଓଡ଼ିଆମାନେ ପାଇବେ।

ଓଡ଼ିଶାର ଗ୍ରହଣୀୟ ସଚ୍ଚୋଟ ନିରାଡ଼ମ୍ବର ନେତା ଭାବେ ପରିଚିତ ପ୍ରତାପ ଷଡ଼ଙ୍ଗୀ ଆଜି ଭାରତୀୟ ଗଣତନ୍ତ୍ରର ଯେଉଁ ସ୍ଥାନରେ ପହଞ୍ଚିଛନ୍ତି ତାହା ଅବିସ୍ମରଣୀୟ। ଗାଁ ଦାଣ୍ଡରେ ଗାଧୋଇ, ଛିଣ୍ଡା ଘର ଭିତରେ ନିଜ ଜୀବନ ତୁଲାଇ ଯେଉଁ ସର୍ବନିମ୍ନ ଜୀବନ ଅତିବାହିତ କରିଛନ୍ତି ତାହା ଆଜିର ପୃଥିବୀ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ବଡ଼ ଆହ୍ୱାନ। ଓଡ଼ିଶାରେ ବିଜେପି ଦିନକୁ ଦିନ ଶକ୍ତିଶାଳୀ ହେଉଛି। ଏକମାତ୍ର ଲୋକସଭା ସାଂସଦ କ୍ଷେତ୍ର ପାଇଥିବା ଏହି ଦଳ ଆଜି ୮ଟି ଆସନର ଦାବୀଦାର ହୋଇପାରିଛି। ସମ୍ମାନନୀୟ। ଅପରାଜିତ ଷଡ଼ଙ୍ଗୀ ମହୋଦୟ ତାଙ୍କ ଚାକିରୀ ବୃତ୍ତି ଭିତରେ ଭୁବନେଶ୍ୱରବାସୀଙ୍କ ପାଇଁ ଯେଉଁ କାର୍ଯ୍ୟକ୍ରମ କରିଛନ୍ତି ତାହା ଭୋଟରେ ପରିଣତ ହୋଇଛି। ସେହିପରି ଅନେକ ପ୍ରାର୍ଥୀ ସେମାନଙ୍କ ସାମର୍ଥ୍ୟ, ସହଯୋଗ, ଭଲପାଇବା ଓ ନିଃସ୍ୱାର୍ଥପର ଜାତୀୟ ଚେତନା ପାଇଁ କୃତକାର୍ଯ୍ୟ ହୋଇଛନ୍ତି। କିନ୍ତୁ ଏହି ସବୁ କଥା ଭିତରେ ବଡ଼ ପଛୁଆ ନାୟକ ହୋଇଯାଇଛନ୍ତି ଓଡ଼ିଶା ବିଜେପିର ସର୍ବଶକ୍ତିମାନ, ବିଜେପିର ବଡ଼ ପୋଷ୍ଟର ବୟ କନକବର୍ଦ୍ଧନ ସିଂହଦେଓ। ଓଡ଼ିଶାରେ ବିଜେପିର ବିସ୍ତାର ଓ ଲୋକପ୍ରଚାର ଏବଂ ଭୋଟ ପ୍ରାବଲ୍ୟ ଭିତରେ ନିଜ ତମାମ ସମୟକୁ ସେ ଅତିବାହିତ କରି ବଡ଼ ସଂକଳ୍ପ ରଖିଥିଲେ ଯେ ମୋ ପ୍ରିୟ ପାଟଣାବାସୀ ମୋତେ ଭଲପାଇବା ଦେବେ। ଯେଉଁପରି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଭାରତରେ ବୁଲିଲେ ବି ବାରାଣସୀକୁ ପ୍ରଚାର ପାଇଁ ଯାଇନଥିଲେ। ତାଙ୍କ ବିଶ୍ୱାସ ହିଁ ବଡ଼ ଆନ୍ଦୋଳନର ସହ ଜାତୀୟ ବିଜେପିର ପତାକା ଉଡାଇଥିଲା। ଯଦି ଆଜି ତମାମ ରାଜ୍ୟ ବିଜେପିର ସଂକଳ୍ପ ପାଇଁ ଗୋଟିଏ ଲୋକସଭା ଆସନରୁ ୮ଟି ଆସନ ପାଇଁ ଲଢ଼ିବା ସହିତ ମୁଖ୍ୟ ବିରୋଧୀ ଦଳର ମର୍ଯ୍ୟାଦା ପାଇଁ ମୋର ଶ୍ରମ, ସ୍ୱେଦ, ନିଷ୍ଠ ଅକ୍ଳାନ୍ତ ନିର୍ବିପାତ କରିପାରୁଛି ତାହା ହିଁ ମୋ ଦଳ ପାଇଁ ବଡ଼ ଗୌରବ। କାରଣ ମୁଁ ଜଣେ ସାମାନ୍ୟ କର୍ମୀ। ଓଡ଼ିଶା ରାଜନୀତିରେ ବିଶେଷ କରି ବିଜେପିର ଭୋଟ ବ୍ୟାଙ୍କରେ କନକବର୍ଦ୍ଧନ ସିଂହଦେଓଙ୍କ ପ୍ରତିଭାକୁ ଛାଡ଼ି ରାଜନୈତିକ ଇତିହାସର ସ୍ୱର୍ଣ୍ଣାକ୍ଷରର ଗୋଟିଏ ଦିଗବି ଲେଖି ହୋଇପାରିବ ନାହିଁ। ପ୍ରଚାର, ପ୍ରସାର ଠାରୁ ବହୁ ଦୂରରେ ନିଜ କର୍ମୀମାନେ ନିଜ ଅଞ୍ଚଳ ବାସିନ୍ଦାମାନେ ସହୃଦୟ ସାମ୍ବାଦିକମାନଙ୍କ ପାଇଁ ସର୍ବୋପରି ଓଡ଼ିଶା ବିଜେପିର ସର୍ବଶକ୍ତିମାନ ଛତ୍ରଧାରୀ ରାଜଧୀରାଜ ସମ୍ମାନନୀୟ ବିଜେପିର ସଭାପତି ପଦ ପାଇଁ ଯୋଗ୍ୟତା ବିଚାରରେ ନିଶ୍ଚୟ ସେ ଢ଼େର ଆଗୁଆ ତାଙ୍କ ସଂକଳ୍ପ ବିଧାନସଭାରେ ଓଡ଼ିଶା ବିଜେଡ଼ି ବିରୁଦ୍ଧରେ ତାଙ୍କ ସଂକଳ୍ପ ତଥ୍ୟ ଭିତ୍ତିକ ପ୍ରଶ୍ନବାଣୀ ସରକାରଙ୍କୁ ଅଡୁଆରେ ପକାଏ।

*ପାଣିକୋଇଲି,
ଯାଜପୁର, ଦୂରଭାଷ :
୯୪୩୯୪୮୨୫୨୬*

# ଆଧୁନିକ ସମାଜରେ ଶିଶୁ ଶ୍ରମିକ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଅନ୍ତର୍ଜାତୀୟ ଶ୍ରମିକ ସଂଗଠନ ଆନୁକୂଲ୍ୟରେ ୨୦୦୨ରୁ ପ୍ରତିବର୍ଷ ଜୁନ ୧୨ରେ ପାଳିତ ହେଉଛି ଶିଶୁ ଶ୍ରମିକ ବିରୋଧୀ ଦିବସ। ଶିଶୁ ଶ୍ରମିକ ସାରା ବିଶ୍ୱରେ ଏକ ବଡ଼ ତଥା ଜଟିଳ ସମସ୍ୟା। ଏହାକୁ ରୋକାଯାଇ ପାରୁନାହିଁ। ଏପରିକି ଆର୍ଥିକ ଅନଗ୍ରସର ପିତା-ମାତା ମାନେ ନିଜ ନିଜ ସନ୍ତାନଙ୍କୁ ପଢ଼ାଇବା ବଦଳରେ ବଳପୂର୍ବକ କାମରେ ଲଗାଉଛନ୍ତି। ଶିଶୁ ଶ୍ରମିକମାନେ ନିର୍ଯାତିତ ହେଉଥିବା ଜଣାଶୁଣା କଥା। ଏହି ବେଆଇନ କାର୍ଯ୍ୟ ବାବଦରେ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଉଲ୍ଲେଖଯୋଗ୍ୟ ଯେ ସଂପ୍ରତି ସାରା ବିଶ୍ୱରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ପ୍ରାୟ ବାଇଶ କୋଟି। ଏମାନଙ୍କ ବୟସ ପାଞ୍ଚରୁ ଚଉଦ ବର୍ଷ ଭିତରେ। ଆଜି ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ । ରାଜ୍ୟରେ ଶିଶୁ ଶ୍ରମିକ ପ୍ରଥାର ବିଲୋପ ନେଇ ଆଜି ସରକାର ମଧ ଉଦାସୀନ । କେତେ ଶିଶୁ ଆଜି ନିଜ ଜୀବନକୁ ବିପନ୍ନ କରି ଶ୍ରମିକ ପ୍ରଥାରେ ନିୟୋଜିତ, ଏହାର ହିସାବ ରାଜ୍ୟ ସରକାର ପାଖରେ ନାହିଁ । ତଥାପି ପ୍ରଣୟନ ହେଉଛି ଶିଶୁ ବିକାଶ ଯୋଜନା । ଏହି ଶିଶୁଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ରାଜ୍ୟ ତଥା କେନ୍ଦ୍ର କରୁଛି ଯୋଜନା । ରାଜ୍ୟରେ ୫ଟି ଜିଲ୍ଲାରେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ସେମାନଙ୍କୁ ଥଇଥାନ ପାଇଁ ହୋଇଛି ଯୋଜନା । ଶିଶୁଙ୍କ ଯତ୍ନ, ଥଇଥାନ, ସ୍ୱାସ୍ଥ୍ୟ, ଶିକ୍ଷା, ତାଲିମ ପରି ବ୍ୟବସ୍ଥା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି । ଏଥିପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରିବାକୁ ଯୋଜନାରେ ଉଲ୍ଲିଖିତ ହୋଇଛି । ସ୍ୱେଚ୍ଛାସେବୀ ସଂଗଠନ, ବେସରକାରୀ ସଂସ୍ଥା ଦ୍ୱାରା ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯିବା ପରେ ଏମାନଙ୍କ ମାନସିକ ସ୍ଥିତିକୁ ଅନୁଧ୍ୟାନ କରିବାକୁ ମଧ ଯୋଜନା କହୁଛି । ଏଥିପାଇଁ ସରକାର ପ୍ରତି ଜିଲ୍ଲାକୁ ୫୦ ହଜାର ଟଙ୍କା ମାସକୁ ପ୍ରଦାନ କରୁଛନ୍ତି । ଶିଶୁ ଶ୍ରମିକଙ୍କ ପାଇଁ କରାଯାଇଥିବା ଏହି ଗୃହର ଭଡ଼ା, ୨ଜଣ ପରିଚାଳିକା, ଜଣେ ଖାଦ୍ୟ ପ୍ରସ୍ତୁତକର୍ତ୍ତା ଓ ସୁରକ୍ଷାକର୍ମୀ ଏହି ଯୋଜନାରେ ଅନ୍ତଭୁକ୍ତ । ଏହି ବ୍ୟସ୍ଥା ଏକକାଳୀନ ୨୦ଜଣଙ୍କ ପାଇଁ ଦୁଇତିନି ଦିନ ଧରି କରିବାକୁ ଯୋଜନାରେ ଗୁରୁତ୍ୱାରୋପ କରାଯାଇଛି । ଏହା ବ୍ୟତୀତ ଏକ କାର୍ଯ୍ୟକାରୀ ଦଳ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ କଳର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଏହି କମିଟିରେ ସ୍ଥାନୀତ କରାଯାଇଛି । ଏହା ବ୍ୟତୀତ ଏହି ଶିଶୁ ଶ୍ରମିକଙ୍କୁ ନିୟୋଜିତ କରୁଥିବା ବ୍ୟକ୍ତି, ସଂସ୍ଥା ଅଥବା ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଏହି ଅଭିଯୋଗରେ ଗିରଫ କରିବାର ବ୍ୟବସ୍ଥା ମଧ ଏହି ଯୋଜନାରେ ସ୍ଥାନିତ ରହିଛି । ଏହା ବ୍ୟତୀତ ପ୍ରତି ବର୍ଷ ଜିଲ୍ଲାର ୨ଟି ଗ୍ରାମକୁ ଶିଶୁ ଶ୍ରମିକ ମୁକ୍ତ ଗ୍ରାମ ଭାବରେ ଚିହ୍ନଟ କରାଯାଇ



ସେମାନଙ୍କୁ ଆଦର୍ଶ ଶିଶୁ ସମୃଦ୍ଧ ଗ୍ରାମ ଭାବରେ ଘୋଷଣା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।

ଯୋଜନା ତାର ବାଟରେ କାର୍ଯ୍ୟକାରିତା ମଧ ଅଧାବାଟରେ । ତେବେ ୨୦୦୧ ଜନଗଣନା ପରେ ରାଜ୍ୟରେ ଶିଶୁ ଶ୍ରମିକଙ୍କ ହିସାବ ଆଜି ସରକାରଙ୍କ ପାଖରେ ନାହିଁ । ୨୦୦୧ ଜନଗଣନାରେ ରାଜ୍ୟରେ ୩ ଲକ୍ଷ ୭୭ ହଜାର ୫୯୪ ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିଲେ । ସେହିପରି ୧୯୯୧ରେ ଏହି ସଂଖ୍ୟା ୪ ଲକ୍ଷ ୫୨ ହଜାର ୩୯୪ ଜଣ ଥିଲା ଓ ୧୯୮୧ରେ ଥିଲା ୭ ଲକ୍ଷ ୦୨ ହଜାର ୨୯୩ ଜଣ । ଆମ ରାଜ୍ୟରେ ଅଦ୍ୟାବଧି ୨ଲକ୍ଷ ୧୫ ହଜାର ଶିଶୁ ଶ୍ରମିକଙ୍କୁ ସରକାର ଚିହ୍ନଟ କରିଛନ୍ତି ବୋଲି ୧୯୯୭ରେ ଲୋକସଭାରେ ଉପସ୍ଥାପିତ ଏକ ରିପୋର୍ଟରୁ ଜଣାପଡ଼େ । ସରକାରୀ ଏହି ରିପୋର୍ଟ ତୁଳନାରେ ବାସ୍ତବରେ ଏହାର ସଂଖ୍ୟା ବେଶ ଅଧିକ ବୋଲି କେତେକ ସମାଜସେବୀ ପ୍ରକାଶ କରୁଛନ୍ତି । ସମ୍ବେଦନଶୀଳ ସ୍ଥିତିରେ ରାଜ୍ୟର ଶିଶୁ ଶ୍ରମିକ ହାର ରହିଥିବା ବେଳେ ରାଜ୍ୟରେ ୧୯୮୬ ମସିହାରୁ ଶିଶୁ ଶ୍ରମିକ ନିରୋଧ ଆଇନ କାର୍ଯ୍ୟ କରୁଛି । ସୁପ୍ରିମକୋର୍ଟ ଏଭଳି ଏକ ଘଟଣାର ବିଚାର କରିବାକୁ ଯାଇ ଦେଶରେ ଶିଶୁ ଶ୍ରମିକମାନେ ଅର୍ଥ ଅନାଟନ ଯୋଗୁଁ କାର୍ଯ୍ୟକରିବାକୁ ବାଧ ହେଉଛନ୍ତି ବୋଲି ତାଙ୍କ ରାୟ ପ୍ରକାଶ କରିଛନ୍ତି । ବିଗତ ଦିନରେ ରାଜ୍ୟରେ କରାଯାଇଥିବା ଏକ ସର୍ବେକ୍ଷଣ ମୁତାବକ ୧ଲକ୍ଷ ୨୧ ହଜାର ୫୨୬ ଜଣ ପୁଅ ଓ ୯୩ ହଜାର ୬୯୬ ଜଣ ଝିଅ ଏବେ ଶିଶୁ ଶ୍ରମିକ ଭାବରେ କାର୍ଯ୍ୟରତ ବୋଲି ଦର୍ଶାଯାଇଛି । ଏମାନଙ୍କ ମଧ୍ୟରୁ ୨୩ ହଜାର ୭୬୧ ଜଣଙ୍କୁ ବିପଦପୂର୍ଣ୍ଣ ପରିସ୍ଥିତିରେ କାମ କରୁଥିବା ରିପୋର୍ଟରେ ଦର୍ଶାଯାଇଛି । ଏମାନଙ୍କ ମଧ୍ୟରୁ ୧୩ ହଜାର ୧୬୭ ଜଣ ଝିଅ ରହିଥିବା ବେଳେ ୧୦ହଜାର ୨୯୪ ଜଣ ପୁଅ ବୋଲି ସରକାରୀ ରିପୋର୍ଟ କହୁଛି । ଏହି ରିପୋର୍ଟ ମୁତାବକ କଳାହାଣ୍ଡି, କୋରାପୁଟ ପ୍ରମୁଖ ପଛୁଆ ଜିଲ୍ଲା ତୁଳନାରେ ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ୧ ଲକ୍ଷ ୮୬ ହଜାର ୭୧୦ ଜଣ ଶିଶୁ ଶ୍ରମିକ ରହିଛନ୍ତି । ଏହି ତାଲିକା ମୁତାବକ କେବଳ କୋରାପୁଟ ଜିଲ୍ଲାରେ ୭୦ ହଜାର ଶିଶୁ ଶ୍ରମିକଙ୍କୁ ସେମାନଙ୍କ ଶୈଶବ ବଳି ପକାଇବାକୁ ବାଧ କରାଯାଉଛି । ସେହିପରି କୋରାପୁଟ, କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାରେ ୫୨ ପ୍ରତିଶତ ଶିଶୁ ଶ୍ରମିକ ନିଜ ପରିବାର ପାଇଁ ଏହି ବୃତ୍ତିକୁ ଆପଣେଇଛନ୍ତି । ବିଡ଼ମ୍ବନା ଯେ ରାଜ୍ୟରେ ଶିଶୁ ଶ୍ରମିକଙ୍କୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏମାନଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ଆଣିବାକୁ ୧୨୦ଟି ବେସରକାରୀ ଅନୁଷ୍ଠାନ ଏହି ଶିଶୁ ଶ୍ରମିକଙ୍କୁ ଉଦ୍ଧାର ଓ ଥଇଥାନକୁ ନେଇ ଦୀର୍ଘ ମିଆଦୀ ଯୋଜନା ପ୍ରଣୟନ କରିବାକୁ ରାଜ୍ୟ ସରକାରଙ୍କ ପାକରେ ଆବେଦନ କରିଛନ୍ତି । ସୁପ୍ରିମକୋର୍ଟ ମଧ ଏଭଳି ଆଇନ ଓ ଯୋଜନା ଦ୍ୱାରା ଶିଶୁ ଶ୍ରମିକଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବେସରକାରୀ ଅନୁଷ୍ଠାନ ଯୁକ୍ତି ଉପସ୍ଥାପନ କରିଛନ୍ତି । ଏହାଛଡ଼ା ବେସରକାରୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସମୟାନୁକ୍ରମେ ରାଜ୍ୟ ଶ୍ରମିକ ବିଭାଗ ଦ୍ୱାରା କରାଯାଉଥିବା ଯୋଜନା ଓ ଏହାର ପ୍ରଣୟନ ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି । ଏହା ବ୍ୟତୀତ ପ୍ରତିବର୍ଷ ଓଡ଼ିଶାରୁ ୨.୫ଲକ୍ଷ ଶ୍ରମିକ ବାହାର ରାଜ୍ୟକୁ ରୋଜଗାର ସନ୍ଧାନରେ ଯାଉଥିବା ରିପୋର୍ଟ କେନ୍ଦ୍ର ଉପସ୍ଥାପନ କରିଥିବାବେଳେ ଏହି ଶ୍ରମିକଙ୍କ ମଧ୍ୟରୁ ୨.୩ ପ୍ରତିଶତ ଶିଶୁ ଶ୍ରମିକ ରହିଛନ୍ତି ବୋଲି କେନ୍ଦ୍ର ସରକାରଙ୍କ ରିପୋର୍ଟରେ ଉଲ୍ଲିଖିତ । ଦେଶର ବଡ଼ ବଡ଼ ସହର ନଗରରେ ଆଜି ବହୁ ଦୋକାନରେ ଶିଶୁ ଶ୍ରମିକଙ୍କୁ ସ୍ୱଳ୍ପ ପାରିଶ୍ରମିକରେ ପ୍ରତିବଦଳରେ କାମ କରୁଥିବା ପରିଲକ୍ଷିତ ହେଉଛି । ବଡ଼ ବଡ଼ ସହରରେ ଶିଶୁ ଶ୍ରମିକକୁ ନେଇ ଏଭଳି ସ୍ଥିତି ଠାରୁ ଛୋଟ ଛୋଟ ସହରର ଅବସ୍ଥା ଆହୁରି ଉତ୍କଟ । ତେବେ ଏପରି ଶିଶୁ ଶ୍ରମିକ କାମ କରିବା ପ୍ରଚ୍ଛଦରେ ରହିଛି ଉଦ୍ଦେଶ୍ୟ । ନିଜ ପରିବାର, ପିତାମାତା ଅଥବା ପେଟପାଟଣା ପାଇଁ ଆଜିର ଆଧୁନିକ ସମାଜରେ ଶିଶୁକୁ ରୋଜଗାର ମାଧମରେ ଖୋଜିବାକୁ ପଡୁଛି ।

ଜଣେ ଶିଶୁଠାରୁ ତାର ଶୈଶବକୁ ଛଡ଼ାଇନେଇ ଶିଶୁ ଶ୍ରମିକର ମୋହର ମାରି ତାକୁ ପରିବାରର ଦାୟିତ୍ୱ ଧରାଇ ଦେଇଥିବା ଆଧୁନିକ ସମାଜର ବ୍ୟବସ୍ଥାକୁ ଏହି ଘଟଣା ପାଇଁ ଦାୟୀ କରାଯାଇପାରେ । ତେଣୁ ଶିଶୁ ଶ୍ରମିକକୁ ନେଇ ଆଶ୍ରମରେ ଥଇଥାନ କରିବା ପରିବର୍ତ୍ତେ ବ୍ୟବସ୍ଥାରେ ନବୀକରଣର ଆବଶ୍ୟକତା ରହିଛି । ସମ୍ପ୍ରତି ଶିକ୍ଷା ବ୍ୟବସ୍ଥାକୁ ଦୃଷ୍ଟି ଦେଲେ କେବଳ ଶିକ୍ଷାଦ୍ୱାରା ସ୍ୱାବଲମ୍ବୀ ହେବ ଏଭଳି କୌଣସି ଚଳଣି ଆମ ସମାଜରେ ନାହିଁ । ଘରୋଇ ସଂସ୍ଥାଗୁଡ଼ିକରେ ପାଠ ଅପେକ୍ଷା ଶାଠ ଓ ଅଭିଜ୍ଞତା ଅଧିକ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି । ଚା ଦୋକାନରେ ହାତରେ ଗ୍ଲାସ ଧରି ଗ୍ରାହକୁ ଚା ଦେଉଥିବା ଶିଶୁ କାଲି ନିଜସ୍ୱ ଚା ଦୋକାନ ଖଣ୍ଡେ କରିବାର ସମ୍ଭାବନା ଅଧିକ ଥିଲେ ମଧ ସରକାରୀ ଆଶ୍ରମରେ ପାଠ ପଢ଼ି ଭବିଷ୍ୟତରେ ଚାକିରିଖଣ୍ଡେ ପାଇବାର ସମ୍ଭାବନା କମ୍ । ତେଣୁ ସରକାରୀ କଟକଣା ସତ୍ତ୍ୱେ ବଢୁଛି ଶିଶୁ ଶ୍ରମିକ ପରମ୍ପରା । ଏମାନଙ୍କୁ ନିଯୁକ୍ତି ଦେଇ ଛୋଟବଡ଼ ବ୍ୟବସାୟ ପ୍ରତିଷ୍ଠାନ ମଧ ସେମାନଙ୍କ ଆବଶ୍ୟକତା ପରିପୂର୍ଣ୍ଣ କରୁଛନ୍ତି । ସରକାରୀ କଟକଣା କେବଳ ଏହି ବ୍ୟବସ୍ଥାରେ ବାଧକ ପ୍ରମାଣିତ ହେଉଛି । ତେଣୁ ଲୋକଦେଖାଣିଆ ଭାବରେ କେତେବେଳେ କେମିତି ହେଉଛି ଶିଶୁ ଶ୍ରମିକଙ୍କ ଉପରେ ଚଢ଼ଉ । ଧରାହେଉଛି ଶିଶୁ ଶ୍ରମିକ । ସତେ ଯେପରି ଆଧୁନିକ ସମାଜରେ ପେଟ ଚାଖଣ୍ଡକ ପାଇଁ ସଂଗ୍ରାମ କରୁଥିବା ଏହି ଶିଶୁ ଗୁରୁତର କୌଣସି ଅପରାଧରେ ଛନ୍ଦି ପଡିଛି ।

*କଟିକଟା, ମଙ୍ଗଳପୁର, ଯାଜପୁର*



### ସହର ମଧ୍ୟରେ ଭାରିଯାନ ଚଳାଚଳକୁ ଯୁବ ବିକାଶ ପରିଷଦର ବିରୋଧ

# ସମସ୍ୟାର ସମାଧାନ ନହେଲେ ୨୪ରୁ ଧାରଣାରେ ବସିବାକୁ ଧମକ୍

**ରାୟଗଡା,୧୧/୦୬(ନିପ୍ର):** ଦିନ ବେଳେ ସହର ମଧ୍ୟରେ ଭାରିଯାନ ଚଳାଚଳ କରିବା ପାଇଁ ପ୍ରଶାସନ ତରଫରୁ ଅନୁମତି ମିଳିଥିବା ଜଣାପଡିଛି । ଏ ନେଇ ସୋମବାର ଦିନ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ ଏବଂ ଆଂଚଳିକ ପରିବହନ ଅଧିକାରୀ ଦିଲ୍ଲୀପ କୁମାର ଦଳେଇ ଉପସ୍ଥିତ ଥିଲେ । ଦିନବେଳା ଭାରିଯାନ ଗୁଡିକ ସହର ମଧ୍ୟରେ ପ୍ରବେଶ ନକରାଇବା ଯୋଗୁଁ ଟ୍ରକ ମାଲିକ ସଂଘ ତରଫରୁ ଏହାକୁ ଏକ ବଡ ସମସ୍ୟା ଭାବେ ଉପସ୍ଥାପନ କରିଥିଲେ । ଉପସ୍ଥାପନା ପ୍ରକାରେ ଟ୍ରକ ମାଲିକ ସଂଘ ଆଗରେ ପ୍ରଶାସନ ମୁଣ୍ଡପାତି ଥିଲା । ସହରବାସୀଙ୍କ ସ୍ୱାର୍ଥକୁ ଜଳାଜଂଳୀ ଦେଇ ଦିନରେ ସହର



ମଧ୍ୟରେ ଭାରିଯାନ ଚଳାଚଳ କରିବା ପାଇଁ ପ୍ରଶାସନ ଅନୁମତି ଦେଇଥିବାରୁ ସହରବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ୧ ମାସ ନ ପୁରୁଣୁ ନିୟମକୁ ସଂଶୋଧନ କରାଯାଇ, ଟ୍ରକ ମାଲିକ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଯାଇ ଦିନରେ ଭାରିଯାନ ଚଳାଚଳ ପାଇଁ ଅନୁମତି ପ୍ରଦାନ କରାଯାଉଛି, ତା ହେଲେ ୩ ବର୍ଷ ହେଲା ରାୟଗଡା ସହରରେ ଏକ ବାଇପାସ ରାସ୍ତାର ନିର୍ମାଣ କରିବା ପାଇଁ ଯୋଜନା ହୋଇଥିଲେ ମଧ୍ୟ ସେହି କାର୍ଯ୍ୟକୁ କାହିଁକୁ ତ୍ୱରାନିତ କରାଯାଉନି ବୋଲି ରାୟଗଡା ସହରର ବୁଦ୍ଧିଜୀବି ମାନେ ପ୍ରକାଶ କରିଛନ୍ତି । ଆଗରୁ ମଧ୍ୟ ରାୟଗଡା ସହରର କିଛି ଯୁବଗୋଷ୍ଠୀ ରାୟଗଡା ସହର ମଧ୍ୟ ଦେଇ ଦିନରେ ଭାରିଯାନ ଚଳାଚଳକୁ ବିରୋଧ କରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡ.ଶ୍ରବଣା ବିବେକ ଏମ ଏବଂ ଆଂଚଳିକ ପରିବହନ ଅଧିକାରୀ ଦିଲ୍ଲୀପ କୁମାର ଦଳେଇଙ୍କୁ ଲିଖିତ ଆକାରରେ ଜଣାଇଥିଲେ । ଫଳରେ ଏକମାସ ପର୍ଯ୍ୟନ୍ତ ଦିନ ସମୟରେ କିଛିଟା ମାତ୍ରାରେ ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲାଗିଥିଲା । ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାଶ ଓ କର୍ମୀମାନେ ଆଜି ଜିଲ୍ଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ସାକ୍ଷାତ କରି ଦିନ ସମୟରେ ସହ ମଧ୍ୟ ଦେଇ ଭାରିଯାନ ଚଳାଚଳ କଲେ ରାୟଗଡା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ବୋଲି କହିଥିଲେ । ଯେଉଁ ସମୟରେ ସହର ମଧ୍ୟ ଦେଇ ଭାରିଯାନ ଚଳାଚଳ କରିବା ପାଇଁ ପ୍ରଶାସନ ନିଷ୍ପତି ନେଇଛି ତାହା ଛାତ୍ର ଛାତ୍ରୀ ମାନଙ୍କ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ । ଦିନ ୧୦ଟା ସମୟରେ ବିଦ୍ୟାଳୟ ଗୁଡିକ ଖୋଲୁଥିବା ବେଳେ ୪ଟା ବେଳେ ବିଦ୍ୟାଳୟ ଗୁଡିକର ଛୁଟି ହୋଇଥାଏ । ଏହି ସମୟ ମଧ୍ୟରେ ହଜାର ହଜାର ସଂଖ୍ୟକ ଛାତ୍ରଛାତ୍ରୀ ମାନେ ନିଜ ନିଜ ଘରକୁ ଫେରିବା ପାଇଁ ତତ୍ପରତା ଦେଖାଇଥାନ୍ତି । ଏହି ସମୟ ମଧ୍ୟରେ ସହରମଧ୍ୟରେ ଭାରିଯାନ ଚଳାଚଳ ଛାତ୍ର ଛାତ୍ରୀ ମାନଙ୍କ ପାଇଁ କୌଣସି ଏକ ବଡ ଅଘଟଣା ଘଟାଇବାରେ ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଦିନ ସମୟରେ ସଂପୂର୍ଣ୍ଣ ଭାବେ ଭାରିଯାନ ଚଳାଚଳକୁ ବନ୍ଦ କରି ସହର ମଧ୍ୟରେ ରାତ୍ର ୧୧ଟା ଠାରୁ ସକାଳ ୬ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳକୁ ଅନୁମତି ପ୍ରଦାନ କରୁ ବୋଲି ଯୁବକ ବିକାଶ ପରିଷଦ ଦାବୀ କରିଛି । ଯଦି ଚଳିତ ମାସ ୧୯ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନ ହୁଏ ତେବେ ୨୪ ତାରିଖ ଦିନ ଅନଶନରେ ବସିବେ ବୋଲି ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାଶ ପ୍ରକାଶ କରିଛନ୍ତି । ଦାବୀ ପତ୍ର ପ୍ରଦାନ ସମୟରେ ନଗର ସଭାପତି ଗୋପିନାଥ ଗୌଡ, ସୁରିଆ ରାଓ, ପ୍ରଶାନ୍ତ ଦଳେଇ, ଦୀପକ ପଟ୍ଟନାୟକ, ଅନିଲ ବିଶ୍ୱାଳ, ବଙ୍କା ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱୟଂସହାୟିକା ଗୋଷ୍ଠୀ ମହିଳାଙ୍କୁ ଅସଦ ବ୍ୟବହାର ଓ ମାଡ ମାରିବା ଅଭିଯୋଗ



**କେନ୍ଦ୍ରାପଡା,୧୧/୬(ନିପ୍ର):** ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରାଯିବା ସହ ଅସଦ ବ୍ୟବହାର କରାଯିବା ଓ ମାଡମାରିବା ଭଳି ଗୁରୁତ୍ତର ଅଭିଯୋଗ ପାଟକୁରା ଥାନାରେ ହୋଇଥିଲେ ମଧ୍ୟ ଥାନା ପୋଲିସ ଏ ସମ୍ପର୍କରେ କୌଣସି ପଦକ୍ଷେପ ନନେବା ପ୍ରତିବାଦରେ ସଂପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନେ ଜିଲ୍ଲାପାଳ ପ୍ରେମ ଚନ୍ଦ୍ର ଚୌଧୁରୀଙ୍କୁ ସାକ୍ଷାତକରି ଥାନା ପୋଲିସର ଉଦାସୀନତା ବିରୋଧରେ ଅଭିଯୋଗ କରିଛନ୍ତି । ପାଟକୁରା ଥାନା ଅନ୍ତର୍ଗତ ବଟିରା ମଧୁସୁଦନପୁର ଗ୍ରାମର ଗତ ୬ତାରିଖରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠି ଗୁଡିକର ଏକ ବେସରକାରୀ ସଂସ୍ଥାରୁ ଋଣ ଆଣିବା ପାଇଁ ବୈଠକ ଚାଲିଥିବା ବେଳେ ଝିଲିରାଣୀ ନାୟକଙ୍କ ସ୍ୱାମୀ ଅଜୟ ରାଉତ ହଠାତ ସେଠାରେ ପହଁଚି ଉପସ୍ଥିତ ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସାହ ମହିଳାମାନଙ୍କୁ ଅସଦ ବ୍ୟବହାର କରି ମହିଳାମାନଙ୍କୁ ମାଡ ମାରିଥିଲା । ଏ ସମ୍ପର୍କରେ ପାଟକୁରା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ମହିଳାମାନେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଏହି ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ସ୍ନେହଲତା ରାଉତ, ଅନୀତା ଜେନାଙ୍କ ସମେତ ଶତାଧିକ ମହିଳାମାନେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ।

## ସତ୍ୟସାଇ ସେବା ସମିତି ପକ୍ଷରୁ ଚଲ୍ଲା ବଣ୍ଟନ

**ରାୟଗଡା,୧୧/୬(ନିପ୍ର):** ରାୟଗଡା ସହରସ୍ଥିତ ନ୍ୟୁକୋଲନୀ ନିକଟରେ ଥିବା ସତ୍ୟ ସାଇ ସେବା ସମିତି ପକ୍ଷରୁ ରାୟଗଡା ରେଳ ଷ୍ଟେସନ ନିକଟରେ ୨ମାସ ଧରି ଚଲ୍ଲା ବଂଟନ କରାଯାଇଥିଲା । ଏପ୍ରିଲ ୬ ତାରିଖ ଠାରୁ ଜୁନ ମାସ ୧୧ ତାରିଖ ଯାଏଁ ଏହି ଚଲ୍ଲା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରେଳଯାତ୍ରୀ ମାନଙ୍କୁ ସତ୍ୟ ସେବା ସମିତି ପକ୍ଷରୁ ଚଲ୍ଲା ବଂଟନ କରାଯାଇଥିଲା । ସତ୍ୟ ସାଇ ସେବା ସମିତି ପ କ୍ଷରୁ ଏପରି ଏକ ମହତ କାର୍ଯ୍ୟପାଇଁ ଯାତ୍ରୀ ତଥା ରାୟଗଡା ସହରବାସୀ ଭୂୟସୀ ପ୍ରଶଂସା କରିଛନ୍ତି । ସତ୍ୟ ସାଇ ସେବା ସମିତିର ପି.ରାମିନାଇଡୁ ଅଧ୍ୟ କ୍ଷତାରେ ଏସ.ଭି.ରାମନାମୂର୍ତି, ସୁନିଲ ମହାନ୍ତି, ଏମ.ଏଲ.ସ୍ୱାମୀ, ଭି.ରାମ ମୋହନ ରାଓ, ଡି.ସତ୍ୟନାରାୟଣ, ପି.ଭି.ଜି ସୁବ୍ରମଣ୍ୟୁ, ଜଗନ ନାଇକୁଲ ପ୍ରମୁଖ ଉପସ୍ଥିତ ରହି ଚଲ୍ଲା ବଂଟନ କରିଥିଲେ ।

# ବର୍ଜ୍ୟ ବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର



**ବାରିପଦା,୧୧।୬(ନିପ୍ର):** ମୟୁରଭଞ୍ଜ ଜିଲ୍ଲା ବାରିପଦା ପୌରପରିଷଦ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ପୌରପରିଷଦ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୌରପରିଷଦର ନିର୍ବାହୀ ଅଧିକାରୀ ସରୋଜ କୁମାର ଦାଶ ଅଧକ୍ଷତା କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ପୌରପରିଷଦ ସମସ୍ତ ସଫେଇ କର୍ମଚାରୀ ସ୍ୱାସ୍ଥ୍ୟ ସହିତ ଅଫିସ କର୍ମଚାରୀ, ସ୍ୱୟଂସହାୟକ ଗୋଷ୍ଠୀ ଓ ସହରର ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ । ପ୍ରଶିକ୍ଷଣ ଶିବିରରେ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ୨୦୧୬ ର କାର୍ଯ୍ୟକାରିତା ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା । ଘରୁ ବାହାରୁଥିବା ଓଦା ଓ ଶୁଖିଲା ବର୍ଜ୍ୟ ବସ୍ତୁକୁ ପୃଥକ ପୃଥକ ସଂଗ୍ରହ କରାଯାଇ ତାହାର କିପରି ସୁପରିଚାଳନା କରାଯାଇପାରିବ, ତା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ତାହାର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଘରକୁ ଘର ବୁଲି ଲୋକମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନ କରିବା ପାଇଁ କୁହାଯାଇଥିଲା । ଦ୍ୱିତୀୟରେ ସଫେଇ କର୍ମଚାରୀମାନେ ପୌରପରିଷଦ ମେରୁଦଣ୍ଡ ହୋଇଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ କିପରି ସଠିକ୍ ରକ୍ଷଣାବେକ୍ଷଣ ଏବଂ ଉନ୍ନତି ହୋଇପାରିବ ତା ଉପରେ ମଧ ଆଲୋଚନା କରାଯାଇଥିଲା । ସେମାନେ କିପରି ନିଜସ୍ୱ ନିରାପତ୍ତା ସାମଗ୍ରୀ ପରିଧାନ କରି ନିଜର କାର୍ଯ୍ୟ ସମ୍ପାଦକ କରିବେ ତା ଉପରେ ଗୁରୁତ୍ୱଆରୋପ କରାଯାଇଥିଲା । ଉକ୍ତ ପ୍ରଶିକ୍ଷଣ ଶିବିରରେ ଆୟୋଜନ କରାଯାଇଥିବା ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ରରେ ସମସ୍ତ ସଫେଇ କର୍ମଚାରୀ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଉଜ୍ଜଳ କୁମାର ବେହେରା, ଗୌରୀଶଙ୍କର ନାୟକ, ପ୍ରିୟା ମିଶ୍ର ଓ ଜିଲ୍ଲା ସହର ଉନ୍ନୟନ ସଂସ୍ଥାର ଶିବନାରାୟଣ ଦଣ୍ଡପାଟ ପରିଚାଳନା କରିଥିଲେ ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ନୋଳିଆଙ୍କୁ ସହାୟତା



**ଭଦ୍ରକ,୧୧।୬(ନିପ୍ର):** ଲାଇଫଗାର୍ଡ଼ ତଥା ନୋଳିଆମାନଙ୍କ ଜୀବନଜିବୀକାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଦାନୀ ଫାଉଣ୍ଡେସନ ସହ ପୋଲିସ (କେନ୍ଦ୍ରାଞ୍ଚଳ)ଏବଂ ଇକୋ ଟୁରିଜିମ୍‌ଙ୍କ ମିଳିତ ସହଯୋଗରେ ୧୨୦୦ ଚୌକି ବଣ୍ଟନ କରାଯାଇଛି । ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି, କେନ୍ଦ୍ରାଞ୍ଚଳ, ଡଃ ଉମାଶଙ୍କର ଦାଶ (ଆଇପିଏସ୍) ଆରକ୍ଷୀ ଅଧିକ୍ଷକ, ପୁରୀ, ଲାଇଫ୍ ଗାର୍ଡ଼ ଆସୋସିଏସନ ସଦସ୍ୟ ଏବଂ ଆଦାନୀ ଫାଉଣ୍ଡେସନର କର୍ମକର୍ତ୍ତାମାନଙ୍କ ଉପସ୍ଥିତରେ ଏହି ବଣ୍ଟନ କାର୍ଯ୍ୟକ୍ରମକୁ ସୁଚାରୁପେ ପରିଚାଳନା କରାଯାଇଥିଲା । ଆଦାନୀ ଫାଉଣ୍ଡେସନର ଏହି ନିଆରା ପଦକ୍ଷେପ ନୋଳିଆ ଓ ଲାଇଫଗାର୍ଡ଼ ସମାଜର ଜୀବନଜିବୀକା ସମୃଦ୍ଧ କରିବା ସହ ସେମାନଙ୍କ ପରିବାରର ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ଆଣିବ ବୋଲି ଉପସ୍ଥିତ ଅତିଥି ମତପ୍ରକାଶ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ପୁରୀ ଜିଲାର ବ୍ରହ୍ମଗିରି ବ୍ଲକର 'ଫନି' ପ୍ରଭାବିତ ୧୦୦୦ ଗୃହକୁ ସୌର ଲଣ୍ଠନ ବଣ୍ଟନ କରାଯାଇଥିଲା । ଏହାସହ ଶ୍ରୀ କରନ ଆଦାନୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଆଦାନୀ ପୋର୍ଟସ୍ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଓଡ଼ିଶାର ଫନି ପ୍ରଭାବିତ ଅଞ୍ଚଳର ପୁର୍ନରୁଦ୍ଧାର କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ । ଫନି ଦ୍ୱାରା ପ୍ରଭାବିତ ଲୋକମାନଙ୍କ ଜରୁରୀକାଳୀନ ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟ ନେଇ ପୁରୀ ଜିଲା ପ୍ରଶାସନ ସହାୟତାରେ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଧରଣିକୁଇ ପଞ୍ଚାୟତର ୬ ଟି ଗ୍ରାମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ୧୦୦୦ ମଶାରୀ ମଧ ପ୍ରଦାନ କରାଯାଇଥିଲ ।

## ସତ୍ୟସାଇ ବିଦ୍ୟା ବିହାରରେ ମହାରୁଦ୍ରମ୍ ଯଜ୍ଞ

**ବାଲେଶ୍ୱର,୧୧।୬(ନିପ୍ର):** ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ବିଦ୍ୟାଳୟର ଉନ୍ନତି କାମନା କରି ବାଲେଶ୍ୱର ସତ୍ୟସାଇ ସେବା ସଂଗଠନ ପକ୍ଷରୁ ୧୧ତମ ମହାରୁଦ୍ରମ ଯଜ୍ଞ ସହରର ସତ୍ୟନଗରସ୍ଥିତ ସତ୍ୟସାଇ ବିଦ୍ୟାବିହାର ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ସମେତ ମୟୂରଭଂଜ, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାର ସତ୍ୟସାଇ ବିଦ୍ୟାବିହାର ଶାଖା ପରିଚାଳନା କମିଟି ଏଥିରେ ଯୋଗଦେଇଥିଲେ । ଭଗବାନ ସତ୍ୟସାଇ ବାବାଙ୍କ ଉଦ୍ଦେଶ୍ୟରେ ଭକ୍ତିପୁତ ପ୍ରାର୍ଥନା ସହ ସାମୂହିକ ବେଦପାଠ କରାଯାଇଥିଲା । ସତ୍ୟସାଇ ସେବା ସଂଗଠନର ରାଜ୍ୟ ବେଦ ସଂଯୋଜକ ପ୍ରାର୍ଥ ସାରଥୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା । ସତ୍ୟସାଇ ସେବା ସଂଗଠନର ବାଲେଶ୍ୱର ଜିଲ୍ଲା ସଭାପତି ଡକ୍ଟର ରମାକାନ୍ତ ନାୟକ, ଜିଲ୍ଲା ବେଦ ସଂଯୋଜକ ବିଭୂ ପ୍ରସାଦ, ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଂଯୋଜିକା ଡକ୍ଟର ଜ୍ୟୋସ୍ନାରାଣୀ ପଣ୍ଡାଙ୍କ ପ୍ରମଖ କର୍ମକର୍ତ୍ତାଙ୍କ ସମେତ ବହୁ ସଦସ୍ୟ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ପାଟକୁରା ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରସ୍ତୁତ



**କେନ୍ଦ୍ରାପଡା୧୧/୬(ନିପ୍ର):** ଜିଲ୍ଲା ବିଜେପି ପକ୍ଷରୁ ପାଟକୁରା ବିଧାନସଭା ନିର୍ବାଚନ ପ୍ରରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ କାକଟଲକ ରୋଡସ୍ଥିତ ସ୍ୱୟଂ ସେଲିବ୍ରେସନ ମଣ୍ଡପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅଧ୍ୟାପକ ଭୂବନମୋହନ ଜେନା, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭୃଗୁବକ୍ସି ପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା, ଜିଲ୍ଲା ପ୍ରଭାରୀ ଦିଲ୍ଲିପ ମଲ୍ଲିକ, ଯାଜପୁର ଜିଲ୍ଲା ସଭାପତି ଗୌତମ ରାୟ ପ୍ରମୁଖ ଯୋଗଦେଇ କହିଥିଲେ ଯେ ପାଟକୁରା ବିଧାନସଭା ନିର୍ବାଚନ ନିମନ୍ତେ ବିଜେପି ପ୍ରସ୍ତୁତ ଅଛି । ଏହି ନିର୍ବାଚନରେ ବିଜେପିର ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ବିଜୟ ନିଶ୍ଚିତ । କାରଣ ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟରେ ପ୍ରଭାବିତ ଏବଂ ସେମାନେ ପାଟକୁରା ମାଟିର ପୁଅ ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କୁ ହିଁ ଚଳିତ ସାଧାରଣ ନିର୍ବାଚନରେ ଭୋଟଦେବେ । ମଇ ୧୯ ଭୋଟ ଗଣତି ପୂର୍ବରୁ ଚକ୍ରାନ୍ତ କରାଯାଇ ଏହି ନିର୍ବାଚନ ମଣ୍ଡଳିର ଭୋଟଦାନକୁ ବାତ୍ୟା ଫନି ବାହାନାରେ ଘୁଁଚାଇ ଦିଆଗଲା । ଯେତେବେଳେକି ବାତ୍ୟା ଫନିରେ ଜିଲ୍ଲା ରେ ସେଭଳି କୌଣସି ବଡ ଧରଣର କ୍ଷୟକ୍ଷତି ହୋଇନଥିଲା ବେଳେ ଏହାକୁ ଏଭଳି ଭାବରେ ଘୁଁଚାଇ ଦିଆଯିବାର ଆବଶ୍ୟକତା ନଥିଲା ।

### ପୌରପାଳିକା କାର୍ଯ୍ୟାଳୟ ପରିଦର୍ଶନ ସମୟରେ ବାଲେଶ୍ୱର ବିଧାୟକଙ୍କ ଉଦ୍‌ବେଗ

# ବିଧାନସଭାରେ ଉଠିବ ସ୍ୱଚ୍ଛତା ଓ ମହାନାଳରେ ହୋଇଥିବା ଅନୟମିତତା ପ୍ରସଙ୍ଗ

**ବାଲେଶ୍ୱର,୧୧/୬(ନି.ପ୍ର):** ବାଲେଶ୍ୱର ସଦରର ନବ ନିର୍ବାଚିତ ବିଧାୟକ ଶ୍ରୀ ମଦନ ମୋହନ ଦତ୍ତ (ମଙ୍ଗୁ ଭାଇ) ଆଜି ବାଲେଶ୍ୱର ମୁନିସିପାଲଟିକୁ ସୌଜନ୍ୟ ମୂଳକ ଭାବରେ ପରିଦର୍ଶନ କରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ରସେନ ରାଉତ ସର୍ବପ୍ରଥମେ ସୌଜନ୍ୟ ମୂଳକଭାବେ ସମସ୍ତ ଅଧିକାରୀ ମାନଙ୍କୁ ପରିଚୟ ପ୍ରଦାନ କରିଥିବା ବେଳେ ନୂତନ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବିଧାୟକ ଶ୍ରୀ ଦତ୍ତ ମହାନାଳ କାର୍ଯ୍ୟ , ସହରର ସଫେଇ ଏବଂ ବାକିଥିବା କାର୍ଯ୍ୟ ବିଷୟରେ ତଦାରଖ କରିବା ବେଳେ ଏଥିରେ ହୋଇଥିବା ବ୍ୟାପକ ଅନୟମିତତାକୁ ଲକ୍ଷ କରି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ ପଚାରିବାରୁ ସେ ଏହାର ଉତ୍ତର ନଦେଇ ଚୁପ୍ ରହିଥିଲେ । ମହାନାଳ ପାଇଁ କୋଟି କୋଟି ଟଙ୍କାର କାର୍ଯ୍ୟାଦେସ ଦିଆଯାଇଥିବା



ବେଳେ ବର୍ଷା ଋତୁ ଆଗକୁ ଆସୁଥିବା ସ୍ଥଳେ ଏହାର କାର୍ଯ୍ୟ ଫଳକରେ ସିମିତ ରହିବା ଏବଂ ଏର୍ଯ୍ୟାବତ ନାଳଗୁଡିକର ସଫେଇ କାର୍ଯ୍ୟ ନଆରମ୍ଭ କରିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଶ୍ରୀ ଦତ୍ତ ମତ ପ୍ରକାଶ କରିଥିଲେ । ସାଧାରଣ ଗରିବ ଲୋକଙ୍କ ସମସ୍ୟା ଏବଂ ନିରପେକ୍ଷ ଭାବେ ସମସ୍ତ ଜନସାଧାରନଙ୍କୁ ପୌରପାଳିକାରୁ ସାହାର୍ଯ୍ୟ ମିଳିବା ନେଇ ଧ୍ୟାନ ଦେବା ପାଇଁ ଶ୍ରୀ ଦତ୍ତ ଅଧିକାରୀ ମାନଙ୍କୁ ଅନୁରୋଧ କରିଥିଲେ । ସହରର ବିଭିନ୍ନ କଲ୍ୟାଣ ମଣ୍ଡପ ଆଜି ଦିଗହରା ପଡିରହିଥିବା ବେଳେ ଭତ୍ତା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନେକ ଲୋକଙ୍କ ଅଭିଯୋଗ ଫାଇଲ ତଳେ ପଡିରହିଛି । କେନ୍ଦ୍ରୀୟ ଅମୃତ ଯୋଜନାର ଅର୍ଥ ସଠିକ୍ ଭାବେ ବିନିଯୋଗ ହୋଇନଥିବା ବେଳେ ଅନେକ ଲୋକାଭୀମୁଖୀ କାର୍ଯ୍ୟ ଆଜି ଅଧାପାନ୍ତିଆରେ । ଏ ସମସ୍ତ କଥା ତୁରନ୍ତ ବିଧାୟକ ଶ୍ରୀ ଦତ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଇଥିବା ବେଳେ ଆଗାମୀ ବିଧାନ ସଭା ଅଧିବେସନରେ ସମସ୍ତ ପ୍ରସଙ୍ଗ ଉଠାଯିବ ବୋଲି ଶ୍ରୀ ଦତ୍ତ କହିଥିଲେ । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଆଉଥରେ ଏକ ସରକାରୀ ସମୀକ୍ଷା ବୈଠକ କାରାଯିବ ବୋଲି ଶ୍ରୀ ଦତ୍ତ ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମାନଙ୍କ ମଧରେ ନଗର ବିଜେପି ସଭାପତି ସୀତାକାନ୍ତ ସ୍ୱାଇଁ, ଚିତ୍ତରନ ପଣ୍ଡା, ଅଜିତ ମିଶ୍ର, ଉପେନ୍ଦ୍ରନାଥ ଶତପଥୀ, ଧିରଜ ମହାନ୍ତି, ସୁକ୍ତା ମହାପାତ୍ର, ମହୁଆ ପ୍ରଧାନ, ବିବେକ ମହାନ୍ତି, ସ୍ୱରଝକାର ସେଠୀ, ସସ୍ମିତା ଚାନ୍ଦ, ଜାନକୀ ମହାର୍ଣ୍ଣା, ଶ୍ରୀୟା ଦାସ, ଯୋଗେନ ରଣା, ରଣଜିତ ପୃଷ୍ଟି, ଅନନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



# ନୂଆ ଗ୍ରାହକଙ୍କ ସହିତ ଯୋଡ଼ି ହେବା ପାଇଁ ଭାରତୀୟ ଏସ୍ଏମ୍ଇଗୁଡ଼ିକ ପ୍ରଯୁକ୍ତିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି

ଭୁବନେଶ୍ୱର,୧୧।୬(ନି.ପ୍ର): ଅଧିକ କିଛି ହାସଲ କରିବା ନିମନ୍ତେ ପ୍ରତିଟି ବ୍ୟକ୍ତି ଓ ସଂସ୍ଥାକୁ ସଶକ୍ତ କରିବାର ଲକ୍ଷ୍ୟ ରଖିଥିବା ମାଇକ୍ରୋସଫ୍ଟ ଡିଜିଟାଲ୍ ସେବା ବ୍ୟବହାର କରି ଅଭିବୃଦ୍ଧିରେ ଉନ୍ନତି ଆଣିବା ନିମନ୍ତେ ଏସ୍ଏମ୍ଇଗୁଡ଼ିକୁ ସହାୟତା ପ୍ରଦାନ କରିବା ପାଇଁ ନିରନ୍ତର ଭାବେ କାର୍ଯ୍ୟ କରୁଛି। ସେ ପୁଣି କହିଛନ୍ତି ଯେ, "ୱିଣ୍ଡୋ ୧୦ର ଶକ୍ତି ଥିବା ପିସି ଉପସ୍ଥାପନ କରିବା ନିମନ୍ତେ ମାଇକ୍ରୋସଫ୍ଟ ପିସି ନିର୍ମାତାମାନଙ୍କ ସହ ମିଶି କାମ କରୁଛି ଯାହା ପ୍ରମୁଖ ବ୍ୟବସାୟ ଆବଶ୍ୟକତା ଯଥା ବ୍ୟବସାୟ ଉତ୍ପାଦକତାରେ ବୃଦ୍ଧି ଆଣିବା ଏବଂ କର୍ମଚାରୀମାନେ ଯେଉଁ ସଦ୍ୟତମ ପ୍ରଯୁକ୍ତି ବ୍ୟବହାର କରୁଛନ୍ତି ତାହା ନିରବଚ୍ଛିନ୍ନ ଓ ସୁରକ୍ଷିତ ଭାବେ ସେମାନେ ବ୍ୟବହାର କରୁଥିବା ବ୍ୟବସାୟ ପ୍ରୟୋଗକୁ ସମର୍ଥନ ଦେବା ଭଳି ସମସ୍ୟାର ସମାଧାନ ପାଇଁ ଏସ୍ଏମ୍ଇଗୁଡ଼ିକୁ ସଶକ୍ତ କରୁଛି।''




ଏହି ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ୩୦%ରୁ ଅଧିକ ଏସ୍ଏମ୍ଇ ଚାରି ବର୍ଷରୁ ଅଧିକ ପୁରୁଣା ପିସି ବ୍ୟବହାର କରୁଛନ୍ତି। ସର୍ବେକ୍ଷଣରୁ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ, ଏସ୍ଏମ୍ଇଗୁଡ଼ିକ ନୂଆ ପିସି କିଣିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି କାରଣ ସେମାନେ ଭାବୁଛନ୍ତି ଯେ ବର୍ତ୍ତମାନେ ସେମାନେ ଯେଉଁ ଆପ୍ଲିକେସନ୍‌କୁ ବ୍ୟବହାର କରୁଛନ୍ତି ତାହା ଉନ୍ନତ ବା ଅପ୍‌ଗ୍ରେଡେଡ୍ ପିସିରେ କାମ କରିବ ନାହିଁ ଏବଂ ସେମାନଙ୍କ ପାଖରେ ନୂଆ ପିସି କିଣିବା ନିମନ୍ତେ ପାଣ୍ଠି ନାହିଁ। ଏସ୍ଏମ୍ଇ ମାଲିକମାନେ ପ୍ରାୟ ସ୍ୱଳ୍ପମିଆଦୀ ଖର୍ଚ୍ଚ ଉପରେ ଗୁରୁତ୍ୱାରୋପ କରିଥାନ୍ତି ଯାହା ଅନେକ ମାମଲାରେ ଠିକ୍ କିନ୍ତୁ, ବେଳେ ବେଳେ ଏଭଳି ସମୟ ଆସିଥାଏ ଯାହା ଦ୍ୱାରା ଏହା ଠାରୁ ଅଧିକ ଖର୍ଚ୍ଚ ହୋଇଯାଏ। ପିସି ବ୍ୟବହାର କରିବା ସେଭଳି ଏକ କ୍ଷେତ୍ର ଯେଉଁଠାରେ ପୁରୁଣା ପିସିକୁ ବ୍ୟବହାର କରିବାର ଖର୍ଚ୍ଚ ନୂଆ ପିସି କିଣିବା ଠାରୁ ଅଧିକ ରହୁଛି। ଅନ୍ୟ ପକ୍ଷରେ ଏସ୍ଏମ୍ଇଗୁଡିକ ଆଧୁନିକ କର୍ମ କ୍ଷେତ୍ର ରଣନୀତିକୁ ଗ୍ରହଣ କରି ଉନ୍ନତ ଉତ୍ପାଦକତା, ଖର୍ଚ୍ଚ ହ୍ରାସ ଓ ନିରାପତାରେ ଉନ୍ନତିର ଅନୁଭବ ପାଉଛନ୍ତି। ନୂଆ ପିସି ବ୍ୟବହାର କରିବା ଦ୍ୱାରା ୬୬% ଏସ୍ଏମ୍‌ବି ଦକ୍ଷତାରେ ଉନ୍ନତି ହୋଇଥିବା ଦେଖୁଛନ୍ତି ଯାହା ଦ୍ୱାରା ସେମାନେ କ୍ଲାଉଡ୍ ଓ ମୋବିଲିଟି ସମାଧାନ ଶକ୍ତିର ନୂତନ ଅନୁଭୂତି ହାସଲ କରୁଛନ୍ତି । ୬୩% ଏସ୍ଏମ୍‌ବି ଭାବୁଛନ୍ତି ଯେ ସେମାନେ ନୂଆ ପିସିରେ ନିଜର ଡାଟାକୁ ଉତମ ଭାବେ ନିରାପଦ ଓ ସୁରକ୍ଷିତ ରଖିପାରିବେ

୫୮% ଏସ୍ଏମ୍‌ବି ଜାଣିପାରିଛନ୍ତି ଯେ ନୂଆ ପିସିକୁ ଗ୍ରହଣ କଲେ ସାମଗ୍ରିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ ପାଇଥାଏ । ୪୧% ଏସ୍ଏମ୍‌ବି ସହମତ ହୋଇଛନ୍ତି ଯେ ନୂଆ ପିସି ସେମାନଙ୍କ କର୍ମଚାରୀଙ୍କୁ ଅଧିକ ଉତ୍ପାଦନକ୍ଷମ କରିପାରିଛି। ୱିଣ୍ଡୋ ୧୦ ଅପରେଟିଂ ବ୍ୟବସ୍ଥା ଥିବା ନୂଆ ପିସି ଏସ୍ଏମ୍ଇଗୁଡ଼ିକର ପ୍ରମୁଖ ବ୍ୟବସାୟ ଓ ଆଇଟି କାର୍ଯ୍ୟକୁ ବଢ଼ାଉଛି, ଯାହା ହେଉଛି:

ଅଧିକ ଉତ୍ପାଦକତା: ୱିଣ୍ଡୋ ୧୦ ଏହାର ବିଲ୍‌ଟ-ଇନ୍ ଟୁଲ୍ ଓ ବୈଶିଷ୍ଟ୍ୟ ଜରିଆରେ ବ୍ୟବହାରକାରୀଙ୍କୁ ଅତି ମାତ୍ରାରେ ଜଡ଼ିତ ରହିବା ଅନୁଭୂତି ପ୍ରଦାନ କରୁଛି ଯାହା ଲୋକଙ୍କୁ ସହଯୋଗିତା ସ୍ଥାପନ କରିବା ଏବଂ ଦକ୍ଷ ଭାବେ କାମ କରିବାରେ ସହାୟକ ହେଉଛି। ୪ ବର୍ଷରୁ ଅଧିକ ପୁରୁଣା ପିସି ତୁଳନାରେ ଏକ ନୂଆ ପିସି ୨.୧ ଗୁଣ ଅଧିକ ଦ୍ରୁତ ଗତିରେ ବିବିଧ କାର୍ଯ୍ୟ କରିପାରୁଛି, ଫଳରେ କର୍ମଚାରୀଙ୍କ ଉତ୍ପାଦକତାରେ ଉନ୍ନତି ହେଉଛି।

ବୁଦ୍ଧିମତାର ସୁରକ୍ଷା: ପୁରୁଣା ପିସିର ବ୍ୟବହାର ଦ୍ୱାରା ଡାଟା ଚୋରିର ବର୍ଦ୍ଧିତ ଆଶଙ୍କା ରହୁଛି। ୱିଣ୍ଡୋ ୧୦ ଅତ୍ୟାଧୁନିକ ନିରାପତା ପ୍ରଦାନ କରୁଛି ଯାହା ଏସ୍ଏମ୍ଇଗୁଡ଼ିକୁ ସମ୍ଭାବ୍ୟ ହ୍ୟାକ୍ ଓ ସାଇବର୍ ଆକ୍ରମଣରୁ ଦୂରେଇ ରଖିଥାଏ।

ସହଜ ନୂତୟନ: ୱିଣ୍ଡୋ ୧୦ ସହଜ ଆଇଟି ନୂତୟନ ଓ ଅପ୍‌ଡେଟ୍ ପ୍ରଦାନ କରୁଛି ଏବଂ ଅପ୍‌ଡେଟ୍ ନୂତୟନ ଉପରେ ନିୟନ୍ତ୍ରଣ ମଧ୍ୟ ପ୍ରଦାନ କରୁଛି। ପୁନଶ୍ଚ, ୱିଣ୍ଡୋ ୭ ଆପ୍ଲିକେସନକୁ ନିରବଚ୍ଛିନ୍ନ ଭାବେ ୱିଣ୍ଡୋ ୧୦କୁ ଅଣାଯାଇପାରୁଛି। ନମନୀୟ ପରିଚାଳନା: ୱିଣ୍ଡୋ ୧୦ ବିଭିନ୍ନ ପ୍ରକାର ମୋବାଇଲ୍ ଉପକରଣ ଯଥା ସ୍ମାର୍ଟଫୋନ୍ ଓ ଟାବଲେଟ୍ ସହିତ ନିରବଚ୍ଛିନ୍ନ ଓ ଉନ୍ନତ ଭାବେ ସମନ୍ୱିତ ହୋଇପାରୁଛି।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

ପିପିଲି,୧୧।୬(ନି.ପ୍ର): ଉତ୍ତରା ଫାଣ୍ଡି ଅଧିନସ୍ଥ ଉତ୍ତରାଶାସନ ପେଟ୍ରୋଲ ପମ୍ପ ନିକଟସ୍ଥ ନିୟୁ କଲୋନିର ଶରତ ଚନ୍ଦ୍ର ରାୟ ଭୁବନେଶ୍ୱର ଲକ୍ଷ୍ମିସାଗର ଅଞ୍ଚଳରୁ ବାଙ୍କରେ ରଖିଥିବା ସୁନା ଅଳଙ୍କାର ଆଣି ଘରକୁ ଫେରୁଥିବା ସମୟରେ। ଘର ପାଖରେ ସ୍କୁଟି ଗାଡି ରଖି ଡିକିରୁ ବ୍ୟାଙ୍କରୁ ଆଣିଥିବା ସୁନା ଅଳଙ୍କାର କାଢିଲା ବେଳେ ଏକ କଳା ପଲସରରେ ଦୁଇ ଜଣ ଯୁବକ ସେହି ସୁନା ଅଳଙ୍କାରକୁ ଝାମ୍ପିନେଇ ଦ୍ରୁତ ଗତିରେ ସେହି ସ୍ଥାନ ଛାଡି ପଳାଇଥିଲେ। ଏନେଇ ଶରତ ଚନ୍ଦ୍ର ରାୟ ଉତ୍ତରା ଫାଣ୍ଡିରେ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗକୁ ଭିତିକରି ଫାଣ୍ଡି ଅଧିକାରୀ ଅଶୋକ କୁମାର ଗୋଚ୍ଛାୟତ କେଶ୍ ୧୩୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ଜମି ମାଫିଆଙ୍କ ଦୌରାତ୍ମ୍ୟ

ବାଲେଶ୍ୱର,୧୧/୬(ନି.ପ୍ର): ରେମୁଣା ଗୋଳେଇଠାରେ ଏକ ଏକର ୭୦ ଡିସମିଲ୍ ଜାଗାକୁ ନେଇ ଦୀର୍ଘଦିନ ଧରି ସୁପ୍ରିମ୍ କୋର୍ଟରେ କେସ୍ ଶ୍ରୀଯୁକ୍ତ ରାମଚନ୍ଦ୍ର ସାହୁ ଓ ମହେନ୍ଦ୍ର କୁମାର ପଢ଼ିଆର ମଧ୍ୟରେ ଚାଲୁ ରହିଅଛି। ଅଦ୍ୟାବଧି ସୁପ୍ରିମ୍‌କୋର୍ଟ ଅଧିନସ୍ଥ କେସ୍‌ର କୌଣସି ଫଳାଫଳ ଜମି ବାବଦରେ ପ୍ରକାଶିତ ହୋଇନାହିଁ। କିନ୍ତୁ ଆଜକୁ କିଛିଦିନ ହେବ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ପଢ଼ିଆରୀ କିଛି ଅସାମାଜିକ ଯୁବକଙ୍କ ସହାୟ ନେଇ ଜମି ଜବରଦଖଲ ପାଇଁ ଚେଷ୍ଟା ଚଲାଇଛନ୍ତି। ଏତାଦୃଶ ଘଟଣାର ପରିଦର୍ଶନ କରି ଶ୍ରୀଯୁକ୍ତ ରାମଚନ୍ଦ୍ର ସାହୁ ପୂର୍ବେ ଅସାମାଜିକ ଯୁବକ ପପୁ ଲେଙ୍କା, ସମସା, ରାଜେଶ ଭେପଡ଼ ନାମରେ ସ୍ଥାନରେ ଇଣ୍ଡଷ୍ଟ୍ରିଆଲ୍ ଥାନାରେ ଏତଲା ଦିଆଯାଇଅଛି। ଏତାଦୃଶ କେସ୍ ୧୩-୦୮-୨୦୦୭ ଏବଂ ୨୨-୦୮-୨୦୧୭ରେ ଇଣ୍ଡଷ୍ଟ୍ରିଆଲ୍ ଥାନା, ଗୋଳେଇରେ ପପୁ ଲେଙ୍କା ନାମରେ ଦିଆଯାଇଅଛି। ତେଣୁ ସୁପ୍ରିମ୍ କୋର୍ଟ ଅଧିନସ୍ଥ କେସ୍ ବିରୁଦ୍ଧରେ ଜମି ମାଫିଆ ଦୌରାତ୍ମ୍ୟରେ ପ୍ରଶାସନର ହସ୍ତକ୍ଷେପ ଆବଶ୍ୟକ।

## ଆଇସିଏଟି ହିରୋ ସ୍ପ୍ଲେଣ୍ଡର, ଆଇସ୍ମାର୍ଟ ବିଏସ-ଭିଆଇ ସାର୍ଟିଫାଏଡ୍

ନୂଆଦିଲ୍ଲୀ,୧୧।୬: ହିରୋ ମୋଟୋକର୍ପ, ବିଶ୍ୱର ବୃହତ୍ତମ ଦୁଇ ଚକିଆ ଯାନ ନିର୍ମାତାକାରୀ ଦୁଇ ଚକିଆ ପାଇଁ




ଭାବେ ବିଏସ-ଭିଆଇ ସାର୍ଟିଫିକେସନ ପାଇବାରେ ଦେଶର ପ୍ରଥମ ଦୁଇ ଚକିଆ ଯାନ ନିର୍ମାତାକାରୀ ହୋଇପାରିଛନ୍ତି । ବିଏସ-ଭିଆଇ ଉତ୍ସର୍ଜନ ମାନଦଣ୍ଡ ଅନୁପାଳନରେ ସଫଳ ପରୀକ୍ଷଣ ଦେବା ପରେ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ମଟରସାଇକେଲ ପାଇଁ ଇଂଟରନେସ୍ନାଲ ସେଂଟର ଫର ଅଟୋମୋଟିଭ ଟେକ୍ନୋଲୋଜି (ଆଇସିଏଟି) ଠାରୁ ହିରୋ ମୋଟୋକର୍ପ ଟାଇପ ଆପ୍ରୁଭାଲ ସାର୍ଟିଫିକେଟ ପ୍ରାପ୍ତ କରିଥିଲେ । ବିଏସ-ଭିଆଇ ଅନୁପାଳନ କରୁଥିବା ମଟରସାଇକେଲ ରାଜସ୍ଥାନର ଜୟପୁର ଠାରେ କଂପାନୀର ଆର ଏଣ୍ଡ ଡି କେନ୍ଦ୍ର, ସେଂଟର ଫର ଇନୋଭେସନ୍ସ ଏଣ୍ଡ ଟେକ୍ନୋଲୋଜି (ସିଆଇଟି) ରେ ନିଜ ଦ୍ୱାରା ଡିଜାଇନ ଏବଂ ବିକାଶ କରାଯାଇଛି ।

ଟାଇପ ଆପ୍ରୁଭାଲ ପ୍ରକ୍ରିୟା ପରେ -ନିର୍ମାତାଙ୍କୁ ଏକ ପ୍ରୋଟୋଟାଇପ ନିର୍ମାଣ କରି ଯେକୌଣସି ସରକାରୀ ଅନୁମୋଦିତ ଏଜେନ୍ସି ଯଥା ଆଇସିଏଟି, ଏଆରଏଆଇ କିମ୍ବା ଜିଏଆରସି ଦ୍ୱାରା ପରୀକ୍ଷଣ ଏବଂ ସାର୍ଟିଫାଇ କରାଇବା ଆବଶ୍ୟକ-ନିର୍ମାତା ସାର୍ଟିଫାଇ ହୋଇଥିବା ମଡେଲର ଉତ୍ପାଦନ ଆରମ୍ଭ କରିବାକୁ ଯୋଗ୍ୟ ଅଟନ୍ତି ।

ଏହା ସହିତ, ଏପ୍ରିଲ ୧, ୨୦୨୦ରେ ହେବାକୁ ଥିବା ବିଏସ-ଭିଆଇ ଟ୍ରାଞ୍ଜିସନ୍ ସମୟ ସୀମାର ବହୁ ପୂର୍ବରୁ ହିରୋ ମୋଟୋକର୍ପ ନିଜ ପ୍ରସ୍ତୁତିର ପ୍ରତିବଦ୍ଧତା ପୁନଃ- ସୁନିଶ୍ଚିତ କରିସାରିଛି । ବିଏସ-ଭିଆଇ ମାନଦଣ୍ଡ ପୁରା କରିବା ପାଇଁ କଂପାନୀ ପାଖରେ ଟେକ୍ନୋଲୋଜିର ଉଚ୍ଚ କୌଶଳ ଅଛି ଏବଂ ବର୍ତ୍ତମାନ ବିଏସ-ଭିଆଇ ଅନୁରୂପ ନିଜର ମଟରସାଇକେଲ ଏବଂ ସ୍କୁଟରର ବିଶାଳ ପୋର୍ଟଫୋଲିଓ ପ୍ରସ୍ତୁତ କରିବା ପାଇଁ ସଜବାଜ ହେବ ।

ମିଷ୍ଟର ଦିନେଶ ତ୍ୟାଗୀ, ନିର୍ଦ୍ଦେଶକ - ଆଇସିଏଟି କହିଲେ, "ବିଏସ-ଭିଆଇ ସାର୍ଟିଫିକେସନ ପାଇବାରେ ଦେଶର ପ୍ରଥମ ଦୁଇ ଚକିଆ ଯାନ ନିର୍ମାତାକାରୀ ହୋଇପାରିଥିବାରୁ ଆମେ ହିରୋ ମୋଟୋକର୍ପକୁ ଅଭିନନ୍ଦନ ଜଣାଉଛୁ । ହିରୋ ମୋଟୋକର୍ପ ଦ୍ୱାରା ସ୍ୱଦେଶୀ ଭାବେ ବିକଶିତ ଏବଂ ନିର୍ମାଣ କରାଯାଉଥିବା କଂପାନୀର ସ୍ପ୍ଲେଣ୍ଡର ଆଇସ୍ମାର୍ଟ ମଟରସାଇକେଲକୁ ଟାଇପ ଆପ୍ରୁଭାଲ ଦିଆଯାଇଥିଲା। ଗତ ବର୍ଷ, ଭାରି ବାଣିଜ୍ୟକ ଯାନ (ଏଚସିଭି) ପାଇଁ ମଧ୍ୟ ବିଏସ-ଭିଆଇ ମାନଦଣ୍ଡ ପାଇଁ ଦେଶର ପ୍ରଥମ ସ୍ୱୀକୃତି ଆଇସିଏଟି ଜାରି କରିଥିଲେ। ଗ୍ରାହକ ମାନଙ୍କ ପାଇଁ ଅଧିକ ସ୍ୱଚ୍ଛ ଉତ୍ପାଦ ସୁନିଶ୍ଚିତ କରିବାକୁ ବିଏସ-ଭିଆଇ ଉତ୍ସର୍ଜନ ମାନକ ପରିସର ଅଧିକ ବିସ୍ତୃତ ଏବଂ ପ୍ରଚଳିତ ଉତ୍ସର୍ଜନ ମାନକରେ ଏହା ପର୍ଯ୍ୟାପ୍ତ ପରିବର୍ତ୍ତନ ଏକୀକୃତ କରିଛି ।

ଭାରତ ଏବଂ ଭାରତ ବାହାରେ ଅବସ୍ଥିତ ଯାନ ଏବଂ ଘଟକ ନିର୍ମାଣକାରୀ ମାନଙ୍କୁ ପରୀକ୍ଷଣ ଏବଂ ସାର୍ଟିଫିକେସନ ସେବା ପ୍ରଦାନ କରିବା ପାଇଁ ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ (ଏମଓଆରଟିଏଚ) ପ୍ରମୁଖ ପରୀକ୍ଷଣ ଏବଂ ସାର୍ଟିଫିକେସନ ଏଜେନ୍ସି, ଆଇସିଏଟି କୁ ପ୍ରାଧିକାର ଦେଇଛି ।

## ଆଇଡିବିଆଇ ବ୍ୟାଙ୍କ ଓ ମ୍ୟାକ୍ସ ବୁପା ମଧ୍ୟରେ ସହଭାଗିତା

ଭୁବନେଶ୍ୱର,୧୧।୬(ନି.ପ୍ର): ଆଇଡିବିଆଇ ବ୍ୟାଙ୍କ ଲିମିଟେଡ ଏବଂ ଷ୍ଟାଣ୍ଡଆଲୋନ ସ୍ୱାସ୍ଥ୍ୟ ବିମା କମ୍ପାନୀ (ଏସଏଏଚଆଇ) ମ୍ୟାକ୍ସ ବୁପା ପକ୍ଷରୁ ୧ ଜୁନ ୨୦୧୯ରେ ବ୍ୟାଙ୍କଏସୋରେନ୍ସ କର୍ପୋରେଟ ଏଜେନ୍ସି ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ପ୍ରଥମ ଥର ପାଇଁ ଆଇଡିବିଆଇ ବ୍ୟାଙ୍କ ଖୋଲା ଅର୍କିଟେକ୍ଚର ଅଧୀନରେ ଏକ ଏସଏଏଚଆଇ ସହଭାଗୀ ପାଇଁ ଏକ କର୍ପୋରେଟ ଏଜେଣ୍ଟ ଭାବେ ଏକୀକୃତ ହୋଇଛି ।

ଟାଇ-ଅପ'ର ଅଂଶ ଭାବରେ ସାରା ଦେଶରେ ଆଇଡିବିଆଇ ବ୍ୟାଙ୍କ ଲିମିଟେଡର ବିଭିନ୍ନ ବର୍ଗର ଗ୍ରାହକ ଆଧାରକୁ ମ୍ୟାକ୍ସ ବୁପା ନିଜର ବ୍ୟାପକ ସ୍ୱାସ୍ଥ୍ୟ ବିମା ଅଫରିଙ୍ଗ ପ୍ରଦାନ କରିବ । ଏହି ଚୁକ୍ତି ଆଧାରରେ ମ୍ୟାକ୍ସ ବୁପା ସମ୍ପୂର୍ଣ୍ଣ ଭାରତର ୧୮୦୦ରୁ ଅଧିକ ଶାଖାରେ ଥିବା ୨ କୋଟିରୁ ଉର୍ଦ୍ଧ୍ୱ ଗ୍ରାହକଙ୍କ ପାଇଁ



ସ୍ୱତନ୍ତ୍ର ରୂପେ ପ୍ରସ୍ତୁତ ହୋଇଥିବା ସ୍ୱାସ୍ଥ୍ୟ ବିମା ଉତ୍ପାଦ ଏବଂ ଡିଜିଟାଲ ପ୍ରାଥମିକତାଯୁକ୍ତ ସେବା ଗୁଡିକୁ ପ୍ରଦାନ କରିବ । ଏହି ଅବସରରେ ଆଇଡିବିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସିଇଓ, ଶ୍ରୀ ରାକେଶ ଶର୍ମା କହିଛନ୍ତିଯେ, "ଆଇଡିବିଆଇରେ ବ୍ୟାଙ୍କ, ଗ୍ରାହକଙ୍କ ଆବଶ୍ୟକତାକୁ ଅତି ଗଭୀରଭାବେ ବୁଝିବା ଏବଂ ତାଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ତାଙ୍କ ହିସାବରେ ସମାଧାନ କରିବା ଲାଗି ସର୍ବଦା ପ୍ରୟାସ ଜାରି ରଖିଛି । ସେହିଭଳି ମ୍ୟାକ୍ସ ବୁପାର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସିଇ. ଶ୍ରୀ ଆଶିଷ ମେହେରୋତ୍ରା କହିଛନ୍ତି ଯେ, "ଆଇଡିବିଆଇ ବ୍ୟାଙ୍କ ସହ ସହଭାଗୀତାକରି ଆମେ ଅତ୍ୟନ୍ତ ଆନନ୍ଦିତ ଏବଂ ଅଧିକ ସଫଳ ଜୀବନ ଜିଇଁବା ପାଇଁ ୨କୋଟି ଗ୍ରାହକଙ୍କୁ ସାହାଯ୍ୟ କରିବା ପାଇଁ ଆମେ ପ୍ରତିଶ୍ରୁତବଦ୍ଧ । କେବଳ ଏତିକି ନୁହେଁ ଆଇଡିବିଆଇ ବ୍ୟାଙ୍କ ଏବଂ ମ୍ୟାକ୍ସ ବୁପା ଦୁହେଁ ସର୍ବପ୍ରଥମେ ଗ୍ରାହକଙ୍କ ହିତ ଦେଖିବା, ବଜାରରେ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଏବଂ ସାରା ଭାରତରେ ନିଜ ବ୍ୟବସାୟ ବିସ୍ତାର ପାଇଁ ପ୍ରତିବଦ୍ଧ ଅଟେ ।

## ବରିଷ୍ଠ ନାଗରିକ ୮ମ ବାର୍ଷିକ ସମ୍ମିଳନୀ

ବାଲେଶ୍ୱର,୧୧।୬(ନି.ପ୍ର): ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ଅଷ୍ଟମ ବାର୍ଷିକ ଜିଲ୍ଲା ସମ୍ମିଳନୀ ପାଇଁ ମଙ୍ଗଳବାର ପୂର୍ବାହ୍ନରେ ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଜୁନ୍ ମାସ ୧୬ ତାରିଖ ରବିବାର ଦିନ ଏହି ଜିଲ୍ଲା ସ୍ତରୀୟ ସମ୍ମିଳନୀ ଦିନ ୧୦ଟାବେଳେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ



ଅତିଥି ଓ ବକ୍ତାଭାବେ ରାଷ୍ଟ୍ରମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସଦର ବିଧାୟକ ମଦନ ମୋହନ ଦତ୍ତ, ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲ୍ଲା ଆରକ୍ଷୀ ଅଧକ୍ଷକ ବି. ଯୁଗଳ କିଶୋର, ଅତିରିକ୍ତ ଜିଲ୍ଲାପାଳ ସଂବିତ୍ କୁମାର ନାୟକ ଯୋଗଦେବାକୁ ସଦୟ ସମ୍ମତି ପ୍ରଦାନ କରିଛନ୍ତି। ଏହି ସମ୍ମିଳନୀରେ ଜିଲ୍ଲାର ୨୫ଟି ଆଞ୍ଚଳିକ ସଂଘରୁ ପ୍ରାୟ ୪୦୦ ପ୍ରତିନିଧି ଯୋଗଦେବେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ବରିଷ୍ଠ ନାଗରିକମାନଙ୍କ ସାମାଜିକ ସୁରକ୍ଷା ପ୍ରଦାନ ପ୍ରଭୃତି ଆଇନର ତର୍ଜମା କରାଯିବ। ସମାଜରେ ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତାକୁ ସରକାର ବିନିଯୋଗ କରିବାପାଇଁ ଏହି ସମ୍ମିଳନୀରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯିବ। ତେଣୁ ସମ୍ମିଳନୀର ସଫଳତା ପାଇଁ ମଞ୍ଚତରଫରୁ ସମସ୍ତଙ୍କର ସହଯୋଗ କାମନା କରାଯାଇଛି। ମଞ୍ଚର ଜିଲ୍ଲା ସଂପାଦକ ତଥା ରାଜ୍ୟ ଉପସଭାପତି ଲକ୍ଷ୍ମୀଧର ବେହେରା ସମ୍ମିଳନୀର ପ୍ରସ୍ତୁତି ସଂପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଅଭ୍ୟର୍ଥନା କମିଟିର ଅଧକ୍ଷ ଗିରିଶ ଚନ୍ଦ୍ର ଦାଶଙ୍କ ସମେତ ହରମୋହନ ଦାଶ, ଡଃ ହରିଶ୍ଚନ୍ଦ୍ର ବେହେରା, ପ୍ରଫେସର ଅନନ୍ତ କୁମାର ପ୍ରଧାନ, ଶରତ ଚନ୍ଦ୍ର ଦାଶ ପ୍ରମୁଖ ବହୁ କର୍ମକର୍ତ୍ତା ଓ ସଦସ୍ୟ ସମ୍ମିଳନୀର କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରତିନିଧିମାନଙ୍କ ଆତିଥ୍ୟ ସଂପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆର ବିଜୟ ପାଇଁ ସାଇକଲ୍ ପିଓର ଅଗରବତୀର ପ୍ରୟାସ

ଭୁବନେଶ୍ୱର,୧୧।୬(ନି.ପ୍ର): କ୍ରିକେଟ ଖେଳ ପ୍ରତି ନିଜ ପ୍ରତିବଦ୍ଧତାକୁ ଦୋହରାଇ, ଅଗରବତୀ ଠାରୁ ଆରମ୍ଭ କରି ଏରୋସ୍ପେସ୍ ପର୍ଯ୍ୟନ୍ତ କାରବାର କରୁଥିବା ଏନ୍‌ଆର୍ ଗ୍ରୁପ୍‌ର ଅଂଶ ତଥା ବିଶ୍ୱର ସର୍ବବୃହତ ଧୂପକାଠି ନିର୍ମାତା ସାଇକଲ୍ ପିଓର ଅଗରବତୀ ତରଫରୁ "ପ୍ରେ ଫର ଇଣ୍ଡିଆ (ଭାରତ ପାଇଁ ପ୍ରାର୍ଥନା) ଅଭିଯାନର ଶୁଭାରମ୍ଭ କରାଯାଇଛି। ଇଂଲଣ୍ଡରେ ମେ' ୩୦ରୁ ଆରମ୍ଭ ହୋଇ ଜୁଲାଇ ୧୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଆଇସିସି କ୍ରିକେଟ୍ ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆର ବିଜୟ ନିମନ୍ତେ ପ୍ରାର୍ଥନା କରିବା ପାଇଁ ଭୁବନେଶ୍ୱର, କଟକ, ବାଲେଶ୍ୱର, ଘଟଗାଁ, ଚୌଦ୍ୱାର, ଅନୁଗୁଳ, ସମ୍ବଲପୁର ଓ ବଲାଙ୍ଗୀର କ୍ରିକେଟ୍ ପ୍ରେମୀଙ୍କୁ ଏହି ଅଭିଯାନ ଏକ ମଂଚ ପ୍ରଦାନ କରୁଛି। କଟକରେ ଏହି ଅଭିଯାନକୁ ଚଣ୍ଡି ମନ୍ଦିରର ମୁଖ୍ୟ ପୂଜକ ୬ ଫୁଟର ଏକ ଅଖଣ୍ଡ ଜ୍ୟୋତିକୁ ପ୍ରଜ୍ୱଳିତ କରି ଉନ୍ମୋଚନ କରିଛନ୍ତି। ଏହି ଅଭିଯାନକୁ ଦେଶର ୬୫ଟି ସହରରେ ଉନ୍ମୋଚନ କରାଯିବ।




ଏହି ଅଭିଯାନରେ ଅନେକ ପ୍ରକାର କ୍ଷେତ୍ର ଭିତିକ କାର୍ଯ୍ୟକ୍ରମ ରହିଛି ଯାହା ଆଇସିସି କ୍ରିକେଟ୍ ବିଶ୍ୱକପ୍ ୨୦୧୯ରେ ଭାରତ ବିଜୟ ପାଇଁ ପ୍ରାର୍ଥନା କରିବା ନିମନ୍ତେ କ୍ରିକେଟ୍ ପ୍ରେମୀଙ୍କୁ ଉତ୍ସାହିତ କରିବ। ସାଇକଲ୍ ପିଓର ଅଗରବତୀ ବ୍ରାଣ୍ଡେଡ୍ ଭ୍ରାମ୍ୟମାଣ ଭ୍ୟାନ୍ ପ୍ରତିଟି ସହରରେ ଭ୍ରମଣ କରି ଶୁଭକାମନା ସଂଗ୍ରହ କରିବ ଏବଂ ଇଂଲଣ୍ଡରେ ଟିମ୍ ଇଣ୍ଡିଆ ଲଢ଼େଇ କରୁଥିବା ବେଳେ କ୍ରିକେଟ୍ ପ୍ରେମୀଙ୍କ ଏକ ଦଳଗତ ଭାବେ ପ୍ରାର୍ଥନା କରିବା ପାଇଁ ଉତ୍ସାହିତ କରିବ। ଦେଶର ବିଜୟ ପାଇଁ ନିରନ୍ତର ପ୍ରାର୍ଥନାର ପ୍ରତୀକ ସ୍ୱରୂପ ଏହି ଭ୍ୟାନ୍‌ରେ ଏକ ଛଅ ଫୁଟର ଅଖଣ୍ଡ ଜ୍ୟୋତି ଅଗରବତୀ ରହିବ। ପୁନଶ୍ଚ, ଏହି ଅଭିଯାନକୁ ସାମାଜିକ ଗଣମାଧ୍ୟମ ଅଭିଯାନ ମାଧ୍ୟମରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରାଯିବ। କ୍ରୀଡ଼ାକୁ ସମର୍ଥନ ପାଇଁ ଭଲ ପାଇବାର ପ୍ରାର୍ଥନା ବାର୍ତା ଏବଂ ଭିଡିଓକୁ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ନିୟମିତ ଅପ୍‌ଲୋଡ୍ କରାଯିବ। ଏହି ଅଭିଯାନ ବିଷୟରେ ବିସ୍ତୃତ ବର୍ଣ୍ଣନା କରି ଶ୍ରୀଯୁକ୍ତ ଅର୍ଜୁନ ରଙ୍ଗା, ପରିଚାଳନା ନିର୍ଦ୍ଦେଶକ, ସାଇକଲ୍ ପିଓର ଅଗରବତୀ କହିଛନ୍ତି ଯେ, "ସାରା ବିଶ୍ୱର କ୍ରିକେଟ୍ ପ୍ରେମୀ, ବିଶେଷ କରି ଭାରତର ପ୍ରତିଟି କ୍ରିକେଟ୍ ପ୍ରେମୀଙ୍କ ପାଇଁ ଆଇସିସି ବିଶ୍ୱକପ୍ ହେଉଛି ଅନ୍ୟତମ ବହୁତ ପ୍ରତିକ୍ଷୀତ ଟୁର୍ଣ୍ଣାମେଂଟ୍। ଏଠାରେ କ୍ରିକେଟ୍ ହେଉଛି ଧର୍ମ ଓ "ପ୍ରେ ଫର ଇଣ୍ଡିଆ' ଅଭିଯାନ ଜରିଆରେ ବିଶ୍ୱକପ୍‌ରେ ଭାରତର ବିଜୟ କାମନା କରିବା ପାଇଁ ଆମେ ଦେଶକୁ ଏକଜୁଟ କରିବାକୁ ଚାହୁଁଛୁ। ଆମେ ଏଭଳି ଏକ ପ୍ଲାଟଫର୍ମ ବିକଶିତ କରିଛୁ ଯେଉଁଠାରେ ଏହି କ୍ରୀଡ଼ା ପ୍ରତି ଥିବା ଭଲ ପାଇବାକୁ ଲୋକମାନେ ପ୍ରଦର୍ଶିତ କରିପାରିବେ ଏବଂ ଖେଳାଳୀଙ୍କ ପାଇଁ ସେମାନଙ୍କ ସମର୍ଥନ ଜଣାଇପାରିବେ। ଭାରତର ଗୌରବମୟ ବିଜୟ ପାଇଁ ପ୍ରାର୍ଥନା କରିବା ନିମନ୍ତେ ଆମେ ଏହି ଅଭିଯାନ ସହିତ ପ୍ରାର୍ଥନା କରିବା ନିମନ୍ତେ ଆଗେଇ ଆସିବା ପାଇଁ ଓଡ଼ିଶାର ଲୋକମାନଙ୍କୁ ଆହ୍ୱାନ ଦେଉଛୁ। କିଛି ବର୍ଷ ଭିତରେ ସାଇକଲ୍ ପିଓର ଅଗରବତୀ ଭାରତରେ କ୍ରିକେଟ୍ ସହ ଯୋଡ଼ି ହେବାର ଅନ୍ୟତମ ଅଗ୍ରଣୀ ବ୍ରାଣ୍ଡରେ ପରିଣତ ହୋଇପାରିଛି। ରେଡ୍ ଆଲର୍ଡ, ଥାର୍ଡ ଅମ୍ପାୟାର ବ୍ରାଣ୍ଡିଂ ଓ ମାଇଲଷ୍ଟୋନ୍ ବ୍ରାଣ୍ଡିଂ ଭଳି ଅନେକ କ୍ରିକେଟ ସମ୍ପର୍କିତ କାର୍ଯ୍ୟକ୍ରମରେ ଏହା ଅଂଶଗ୍ରହଣ କରୁଛି। ପ୍ରତିବର୍ଷ ବିଭିନ୍ନ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ର ପ୍ରମୁଖ ପ୍ରାୟୋଜକ ହେବା ସହିତ ସାଇକେଲ୍ ପିଓର ଅଗରବତୀ ପକ୍ଷରୁ ୨୦୧୧ ଓ ୨୦୧୫ର ଆଇସିସି ବିଶ୍ୱକପ୍ ସମୟରେ ୧୦୦ରୁ ଅଧିକ ସହରରେ ବ୍ୟାପକ ଭାବେ ଲୋକପ୍ରିୟ ପ୍ରେ ଫର ଇଣ୍ଡିଆ ଅଭିଯାନ ଆୟୋଜନ କରାଯାଇଥିଲା। ସାଇକଲ୍ ପିଓର ହେଉଛି ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିର ଏକ ପ୍ରତୀକ ଏବଂ ଏହା ବିଶ୍ୱାସ କରୁଛି ଯେ ଭାରତର କ୍ଷୁଦ୍ର ସହରଗୁଡ଼ିକରେ ଅନେକ କ୍ରିକେଟ ପ୍ରତିଭା ରହିଛନ୍ତି ଯେଉଁମାନେ ସମୃଦ୍ଧ ଏବଂ ବିକଶିତ ହେବାକୁ ଚାହିଁରହିଛନ୍ତି। ସେହି ବିଶ୍ୱାସ ଯୋଗୁ ଏହା କର୍ଣ୍ଣାଟକ ପ୍ରିମିୟମର ଲିଗ ସହ ସାମିଲ ହୋଇଛି।



# ସାଂସଦ ଓ ବିଧାୟକଙ୍କ କେନ୍ଦ୍ରାପଡା ବ୍ଲକସ୍ତରୀୟ ସମୀକ୍ଷା

**କେନ୍ଦ୍ରାପଡା,୧୧/୬(ନିପ୍ର):** କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଓ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ସୋମବାର ଅପରାହ୍ନରେ କେନ୍ଦ୍ରାପଡା ପଂଚାୟତସମିତି ସଭା ଗୃହରେ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକର ସମୀକ୍ଷା କରିଥିଲେ । ଏହି ସମୀକ୍ଷାରୁ ଜଣାପଡିଥିଲା ଯେ ଆମ ଗାଁ ଆମ ବିକାଶ ଯୋଜନାରେ ବ୍ଲକର ୭କୋଟି ୩୬ଲକ୍ଷ ଟଙ୍କା ବ୍ୟୟରେ ୨୭୮ଟି ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ସେଥିରୁ ୨୫ ଲକ୍ଷ ୫୭ହଜାର ଟଙ୍କାର ୭ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ବିଳମ୍ବରେ ପ୍ରକଳ୍ପ ମଞ୍ଜୁର ହେବା,ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯିବା ଏବଂ ଆବଶ୍ୟକ ପରିମାଣର ପାଣ୍ଠି ମଞ୍ଜୁର ହୋଇନଥିବାରୁ ଅଧିକ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନଥିବା ବୈଠକରେ ଉପସ୍ଥିତ ଥିବା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ସୂଚନା ଦେଇଥିଲେ । ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨୦୧୭ – ୧୮ ଆର୍ଥିକ ବର୍ଷରେ ୮୮ଲକ୍ଷ ୫୦ ହଜାରର ବ୍ୟୟ ଅଟକଳରେ ୩୪ଟି ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି । କିନ୍ତୁ ଏହି ଯୋଜନାରେ ୨୦୧୮– ୧୯ ଆର୍ଥିକ ବର୍ଷରେ ଏକ କୋଟି ୫୪ଲକ୍ଷ ୨୦ହଜାର ଟଙ୍କା ବ୍ୟୟ ଅଟକଳରେ ୧୦୩ଟି ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ସେଥିମଧ୍ୟରୁ ୨୦ଲକ୍ଷ ଟଙ୍କାର ୧୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି । ଅନ୍ୟ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଚାଲୁରହିଥିବା ବିଡିଓ ସୁଧିର କୁମାର ସିଂ ସୂଚନା ଦେଇଥିଲେ । ସେହିଭଳି ନରେଗା କନଭରଜେନସ ପାଣ୍ଠିରୁ ୧୧୨ଟି ଅଙ୍ଗନୱାଡି ଗୃହ ନିର୍ମାଣ ନିମନ୍ତେ ମଞ୍ଜୁର ହୋଇଥିବା ବେଳେ ସେଥିରୁ ୨୪ଟି ଗୃହର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଜମିଜମା ସମସ୍ୟା ଯୋଗୁଁ ୧୫ଟି ଗୃହ ନିର୍ମାଣ ହୋଇପାରିନଥିବା ବେଳେ ଅନ୍ୟ ଗୁଡିକର ନିର୍ମାଣ କାର୍ଯ୍ୟ ଚାଲୁରହିଛି । ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଷ୍ଟେଟ ପ୍ଲାନରେ ମଞ୍ଜୁର



ହୋଇଥିବା ଏକଶହଟି ଗୃହ ମଧ୍ୟରୁ ୬୩ଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାରେ ୨୦୧୭–୧୮ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ୩୮୪୫ଟି ଗୃହ ମଧ୍ୟରୁ ୩୬୬୦ଟି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ସେହିଭଳି ବିଜୁ ପକ୍କାଘର ଯୋଜନାରେ ୧୨୨୩ଟି ଗୃହ ମଧ୍ୟରୁ ୯୭୧ଟିର କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଚଳିତବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ଲକକୁ ୧୧୭୦ ଗୃହ ନିର୍ମାଣ ନିମନ୍ତେ ଟାର୍ଗେଟ ମିଳିଛି । ମନରେଗା ଯୋଜନାରେ ବ୍ଲକର ୨୩ହଜାର ୯୯୭ଟି ଜବକାର୍ଡଧାରୀ ରହିଥିବା ବେଳେ ୪୯ଲକ୍ଷ ୧୫ହଜାର କାର୍ଯ୍ୟଦିବସ ସୃଷ୍ଟି କରାଯାଇଥିବା ବେଳେ ୧୪ହଜାର ୧୭୦ ପ୍ରତିଶତ କାର୍ଯ୍ୟହୋଇଛି ବୋଲି ସୂଚନା ପ୍ରଦାନ କରାଯାଇଥିଲା । ମଧୁବାବୁ ପେନସନ ଯୋଜନାରେ ବ୍ଲକର ୯ହଜାର ୩୬୯ ହିତାଧିକାରୀ ଭତ୍ତା ପାଉଥିବା ବେଳେ,ଜାତୀୟ ଭତ୍ତା ଯୋଜନାରେ ୮ହଜାର ୨୫୬ଜଣ ଭତ୍ତା ପାଉଛନ୍ତି । ୨ଶହ ଭତ୍ତା ଦରଖାସ୍ତ ବ୍ଲକରେ ଥିବା ବେଳେ ଆଉ ୭ଶହ ଭତ୍ତାର ଆବଶ୍ୟକତା ରହିଛି ବୋଲି ବିଡିଓ କହିଥିଲେ । ସେହିଭଳି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ଲକର ୩୦ହଜାର ୧୯୯ହିତାଧିକାରୀ ଥିବା ବେଳେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୨ହଜାର ୬୦୬ଜଣ ହିତାଧିକାରୀ ଅଛନ୍ତି । ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଆଉ ୩ହଜାର ଟାର୍ଗେଟ ଆବଶ୍ୟକ ରହିଛି ବୋଲି ବ୍ଲକ ଅଧ୍ୟକ୍ଷ କହିଥିଲେ । ଓଡିଶା ଜୀବିକା ମିଶନରେ ୨୨୮୩ଟି ସ୍ୱୟଂ ସହାୟିକା ଗୋଷ୍ଠି ଗଢାଯାଇଥିବା ସୂଚନା ଦିଆଯାଇଥିଲା । ସେହିଭଳି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବ୍ଲକରେ ୨୧୩୫ଟି ନଳକୂପ ଥିବା ବେଳେ ୨୭ଟି ପଂଚାୟତରେ ୩୪ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ରହିଥିବା ସୂଚନା ଦିଆଯାଇଥିଲା । ବ୍ଲକ ଅଧ୍ୟକ୍ଷ ଶ୍ରୀ ଧଳ ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ଇନ୍ଦୁପୁର ଠାରେ ବୀରୂପା ନଦୀରେ ଏକ ପାନୀୟ ଜଳ ପ୍ରକଳ୍ପ କରାଯାଇ ଇନ୍ଦୁପୁର, ଧୁମାତ, ଘାଘରା, ଚାରିଗାଁ, ନିକିରାଇ, କୁତୁରଙ୍ଗ, ଢୋଲ, କୋରୋ, ଗାଙ୍ଗପଡା, ପଳସଂହା, ସାନମାଣତିଆ,ଚନ୍ଦନପୁର ଓ କେଶପୁର ଭଳି ୧୩ଟି ପଂଚାୟତକୁ ପାନୀୟ ଜଳ ଯୋଗାଇ ଦେବାକୁ ଏକ ପ୍ରସ୍ତାବ ଦେଇଥିଲେ । ଏଥି ସହିତ ସ୍ୱୟଂ ସହାୟିକା ଗୋଷ୍ଠି ଗୁଡିକର ଉତ୍ପାଦନକୁ ବିକ୍ରୀ କରିବା ନିମନ୍ତେ ଏକ ଗ୍ରାମ୍ୟ ବଜାର ପ୍ରତିଷ୍ଠା କରାଯିବାକୁ ମଧ୍ୟ ସେ ପ୍ରସ୍ତାବ ଦେଇଥିଲେ । ବୈଠକରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା,ବ୍ଲକ ଉପାଧ୍ୟକ୍ଷା ସ୍ନେହଲତା ପ୍ରଧାନ, ଗ୍ରାମପଂଚାୟତ ସଂପ୍ରସାରଣ ଅଧିକାରୀ ଅନିରୁଦ୍ଧ ବେହେରା, ସହକାରୀ ଯନ୍ତ୍ରୀ ପରମାନନ୍ଦ ନାୟକ, ହିସାବ ଅଧିକାରୀ ଅଶୋକ କୁମାର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ସାଂସଦ ଶ୍ରୀ ମହାନ୍ତି ବ୍ଲକରେ ଜନସାଧାରଣଙ୍କ ଠାରୁ କୌଣସି ଅର୍ଥ ଯେପରି କେହିବି ନନିଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଅଧ୍ୟକ୍ଷ ଓ ବିଡିଓଙ୍କୁ ପରାମର୍ଶ ଦେଇଥିଲେ । ବିଧାୟକ ଶ୍ରୀ ବେହେରା ବର୍ଷା ପୂର୍ବରୁ ସମସ୍ତ ଉନ୍ନୟନ କାର୍ଯ୍ୟ ଶେଷ କରିବାକୁ ବିଡିଓଙ୍କୁ ପରାମର୍ଶ ଦେଇଥିଲେ ।

## ଚେମ୍ବରସ୍ ଅଫ୍ କମର୍ସର କୃତଜ୍ଞତା

**ବାଲେଶ୍ୱର,୧୧/୬(ନି.ପ୍ର):** ଫକୀରମୋହନ ସ୍ୱୟଂଶାସିତ +୩ ବାଣିଜ୍ୟ ଫଳ ପ୍ରକାଶନରେ ପ୍ରଥମ ୩ ଜଣ ଟପର ହୋଇଥିବା ଛାତ୍ରଛାତ୍ରୀ ହେଲେ – ପ୍ରଥମ ଆନନ୍ଦ ଦେ। ନଂ – ୧୦୯୮, ଦ୍ୱିତୀୟ ଶତାବ୍ଦୀ ମହାପାତ୍ର, ନଂ ୧୦୮୨ ଓ ତୃତୀୟ ସ୍ଥାନ ଓଷା ରାଠୀ, ୧୦୮୦ ନଂ ରଖି କୃତକାର୍ଯ୍ୟ ହୋଇଛନ୍ତି। ଫକୀରମୋହନ କଲେଜର ଏହି ତିନି ଟପରଙ୍କ ଫଳରେ ବାଲେଶ୍ୱର ଚେମ୍ବରସ୍ ଅଫ୍ କମର୍ସ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଅଛନ୍ତି।

## ଜୀବନବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର



**ବାଲେଶ୍ୱର,୧୧।୬(ନିପ୍ର):** ଜୀବନବିନ୍ଦୁ ଅଭିଯାନ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ରକ୍ତଭଣ୍ଡାର ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ଜୀବନବିନ୍ଦୁ ନଗର ସଂଯୋଜକ ସିଲିମ୍ ରାଜା ଏହି ଶିବିରରେ ଯୋଗଦେଇ ରକ୍ତାଦତାମାନଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନ ଭଳି ମହତକାର୍ଯ୍ୟ ପ୍ରତି ସମସ୍ତେ ସମ୍ବେଦନଶୀଳ ହେବାକୁ ସେ ଆହ୍ୱାନ ଦେଇଥିଲେ। ତାପସ ନାୟକ, ଭବାନୀ ପଣ୍ଡା, ଜିତ୍ ପ୍ରକାଶ ଦାଶ ପ୍ରମୁଖ ଉଦୀୟମାନ ଯୁବକ ଏହି ଶିବିରକୁ ପରିଚାଳନା କରିଥିଲେ। ସହରର ବିଭିନ୍ନ ଅଞ୍ଚଳରୁ ବହୁ ଯୁବକ ଯୁବତୀ ରକ୍ତଦାନ କରିଥିଲେ। ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ରକ୍ତଭଣ୍ଡାର କର୍ମଚାରୀ ମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଧର୍ମପ୍ରାଣା ମହିୟସୀ ମହିଳାଙ୍କ ପରଲୋକ

**କେନ୍ଦ୍ରାପଡା,୧୧/୬(ନିପ୍ର):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପଂଚାୟତର ବଡଗାଁ ଗ୍ରାମର ସ୍ୱର୍ଗତ ରାୟସାହେବ ଦୋଳଗୋବିନ୍ଦ ମହାନ୍ତିଙ୍କ ସାନ ବୋହୂ ତଥା ପୂର୍ବତନ ଫୁଟବଲ ଖେଳାଳି ସ୍ୱର୍ଗତ ସୁରେନ୍ଦ୍ର କୁମାର ମହାନ୍ତିଙ୍କ ଧର୍ମପତ୍ନୀ ମଞ୍ଜୁଳା ମହାନ୍ତିଙ୍କ ୬୮ବର୍ଷ ବୟସରେ ତାଙ୍କ ଭୁବନେଶ୍ୱର ପାତ୍ରପଡାସ୍ଥିତ ବାସଭବନରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ସ୍ଥାନୀୟ ଅଚଂଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପାତ୍ରପଡାସ୍ଥିତ ବାସଭବନରେ ପହଁଚି ସ୍ୱର୍ଗତା ମହାନ୍ତିଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଭୁବନେଶ୍ୱର ସତ୍ୟନଗରସ୍ଥିତ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା ।



ବଡପୁଅ ଆର୍ଶ୍ରିବାଦ ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇପୁଅ ଆଶ୍ରିର୍ବାଦ, ଜୀବନ, ଝିଅ ବନ୍ଦିତା, ଛନ୍ଦିତା, ରଶ୍ମିତା, ଜ୍ୱାଇଁ ଦେବାଶିଷ, ଚିତ୍ତରଞ୍ଜନ, ମହେଶଙ୍କ ସମେତ ପରିବାର ଓ ବନ୍ଧୁବର୍ଗ ସମସ୍ତେ ଉପସ୍ଥିତ ଥିଲେ । ସେ ଜଣେ ଧର୍ମପରାୟଣ, କର୍ତ୍ତବ୍ୟନିଷ୍ଠ ତଥା ମଣିଷକୁ ଭଲପାଉଥିବା ଭଳି ମହିଳା ଥିଲେ ।

### କ୍ଷମତା ଏକ୍ସପ୍ରେସ ଉଦ୍‌ଘାଟିତ

## ପ୍ରଥମ ଦିନରେ ୧୪୧ ଭିନ୍ନକ୍ଷମ ଚିହ୍ନଟ

ଭଦ୍ରକ,୧୧।୬(ନିପ୍ର): ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଏବଂ ସିଆର୍‌ଏସ୍‌ଆର୍ (ସେଣ୍ଟର ଫର ରିହାବିଲିଟେସନ ସର୍ଭିସ ଆଣ୍ଡ ରିସର୍ଚ୍ଚ) ଦ୍ୱାରା ପରିଚାଳିତ 'କ୍ଷମତା ଏକ୍ସପ୍ରେସ' ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି । ଏହି ଏକ୍ସପ୍ରେସକୁ ଭଦ୍ରକ ବିଧାୟକ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲାପାଳ ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲ୍ଲାପାଳ ପୀତାମ୍ବର ସାମଲ ପତାକା ହଲାଇ ଏହାର ଶୁଭାରମ୍ଭ କରିଥିଲେ । ଆଜି ପ୍ରଥମ ଦିନରେ ଏହି ଏକ୍ସପ୍ରେସ ଚାନ୍ଦବାଲି ବ୍ଲକ ଅଞ୍ଚଳର ନଳଗୋହିରା ଗ୍ରାମକୁ ଯାଇ ସେଠାରେ କ୍ୟାମ୍ପ କରିଥିଲା




। ଏହି ଏକ୍ସପ୍ରେସରେ ଡାକ୍ତର, ଫିଜିଓଥେରାପିଷ୍ଟଙ୍କ ସହିତ ଅନ୍ୟାନ୍ୟ ବିଶେଷଜ୍ଞ ଉପସ୍ଥିତ ରହି ଭିନ୍ନକ୍ଷମ ଚିହ୍ନଟ କରିଥିଲେ । ଏମାନେ ଏକ୍ସପ୍ରେସ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ଭିନ୍ନକ୍ଷମ ଚିହ୍ନଟ, କାନ ପରୀକ୍ଷା, ସ୍କିନ ଥେରାପି, ମାନସିକ ସମ୍ବନ୍ଧୀୟ ପରୀକ୍ଷା, ଦୃଷ୍ଟିଶକ୍ତି ପରୀକ୍ଷା, ଭିନ୍ନକ୍ଷମ, ବୟସ୍କ ଓ କିନ୍ନରମାନଙ୍କ ପାଇଁ ପରାମର୍ଶ, ଭିନ୍ନକ୍ଷମମାନଙ୍କ ପାଇଁ ସହାୟକ ଉପକରଣ ନିରୂପଣ, କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଆଦି ଯୋଗାଣ, ଧନ୍ଦାମୂଳକ ଓ ଦକ୍ଷତା ତାଲିମ ନିରୂପଣ ଭଳି ବିଭିନ୍ନ କାର୍ଯ୍ୟ କରିବେ । ଆଜି ନଳଗୋହିରାରେ ଚିହ୍ନଟ ହୋଇଥିବା ୧୪୧ଜଣଙ୍କ ମଧ୍ୟରେ ଦୃଷ୍ଟିଶକ୍ତି ବାଧିତ ୨୮, ଶ୍ରବଣ ବାଧିତ ୨୧, ଅସ୍ଥିଶଲ୍ୟ ଜନିତ ୩୯, ସାମାଜିକ ସୁରକ୍ଷା ଜନିତ ୧୯ଜଣଙ୍କ ସହିତ ଅନ୍ୟାନ୍ୟ କେତେକ ବିଭାଗରେ ପରୀକ୍ଷା ନୀରିକ୍ଷା କରାଯାଇଥିଲା । ଏହି ଶୁଭାରମ୍ଭ କାର୍ଯ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର ଦେହୁରୀ, ସିଆର୍‌ଏସ୍‌ଆର୍ ମୁଖ୍ୟ ଭଗବାନ ପରିଡା, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ, ଏମ୍‌ଭିଆଇ ଗୋପାଳକୃଷ୍ଣ ଦାସ, ଜିଲ୍ଲା ସୂଚନା ଅଧିକାରୀ ଗୋଲଖ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେଡି ପକ୍ଷରୁ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର,୧୧।୬(ନିପ୍ର):** ରାଜ୍ୟ ଓ କେନ୍ଦ୍ରରେ ନୂଆ ମନ୍ତ୍ରୀମଣ୍ଡଳ ଗଠନ ପରେ ମନ୍ତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ନେଇ ବାଲେଶ୍ୱରରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଗତକାଲି ଜିଲ୍ଲା ବିଜେପି ସମେତ ବିଭିନ୍ନ ସଂଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ ହୋଇଥିବା ବେଳେ ଆଜି ବିଜେଡି ପକ୍ଷରୁ ରାଜ୍ୟ ପର୍ଯ୍ୟଟନ ଓ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ନବନିର୍ବାଚିତ ଦଳୀୟ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ରିଟ୍ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ପ୍ରତି ଜିଲ୍ଲାବାସୀ ଆସ୍ଥା ପ୍ରକଟ କରିଥିବାରୁ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲାର ୮ ଗୋଟି ବିଧାନସଭା କ୍ଷେତ୍ରରୁ ୬ ଜଣ ବିଜେଡି ପ୍ରାର୍ଥୀ ବିଧାୟକ ଭାବେ ନିର୍ବାଚିତ ହେବା ଓ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଜଣେ ମନ୍ତ୍ରୀ ହେବା, ଜିଲ୍ଲାବାସୀଙ୍କ ପାଇଁ ଅତ୍ୟନ୍ତ ଖୁସୀର ବିଷୟ ବୋଲି ଶ୍ରୀ ଜେନା କହିଥିଲେ। ସମ୍ବର୍ଦ୍ଧିତ ଅବସରରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ବାଲେଶ୍ୱରରେ ସଫଳତାର ସହ ରୂପାୟନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଭୋଗରାଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖଙ୍କୁ ମଧ୍ୟ ଏହି ଅବସରରେ ପୁଷ୍ପଗୁଚ୍ଛ ପ୍ରଧାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ କାର୍ଯ୍ୟକ୍ରମରେ ଉପସ୍ଥିତ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଗିରୀଶ ଚନ୍ଦ୍ର ଦାଶ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନନୀଳଗିରିର ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ, ମହିଳା ବିଜେଡି ନଗର ସଭାପତି ରଂଜିତା ମହାପାତ୍ର, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ।

## ଧାନ ବିକ୍ରି ଅର୍ଥ ଦାବିରେ ଯୋଗାଣ ଅଧିକାରୀଙ୍କୁ ଘେରିଲେ ଚାଷୀ

ବାଲେଶ୍ୱର,୧୧।୬(ନିପ୍ର): ଚାଷୀଙ୍କଠାରୁ ଧାନ କିଣାରେ ତ୍ରୁଟିପୂର୍ଣ୍ଣ ସରକାରୀ ବ୍ୟବସ୍ଥାକୁ ନେଇ ନଗ୍ରମ ସେବା ସମବାୟ ସମିତିର ନିର୍ବାଚିତ ପରିଷଦ ଓ ଚାଷୀମାନେ ମିଳିତ ଭାବେ ଆଜି ଜିଲ୍ଲା ଯୋଗାଣ ବିଭାଗକୁ ଦୀର୍ଘ ସମୟଧରି ଘେରାଉ କରିଥିଲେ । ନଗ୍ରମ ସେବା ସମବାୟ ସମିତିର ସଭାପତି ସର୍ବେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଆସିଥିବା ଚାଷୀମାନେ ଜିଲ୍ଲା ଯୋଗାଣ ବିଭାଗ ସମ୍ମୁଖରେ ହାହୋଲ୍ଲା କରିବା ସହିତ ଚାଷୀଙ୍କ ପ୍ରତି ଯୋଗାଣ ଅଧିକାରୀଙ୍କ ଉଦାସୀନତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ନଗ୍ରମ ସେବା ସମବାୟ ସମିତି ଅଧୀନରେ ଥିବା ନଗ୍ରମ ଓ ବୁଆଁଳ ଦୁଇଗୋଟି ପଞ୍ଚାୟତର ଚାଷୀ ଗତ ଖରିଫ୍ ଋତୁରେ ବିକ୍ରି କରିଥିବା ଧାନର ମୂଲ୍ୟ ଅଦ୍ୟାବଧି ସେମାନଙ୍କୁ ମିଳିନଥିବା ସେମାନେ



କହିଛନ୍ତି । ଅନ୍ୟପକ୍ଷରେ ରବିଚାଷରେ ଅମଳ ହୋଇଥିବା ଧାନ ବିକ୍ରି ପାଇଁ ସେମାନେ ବାରମ୍ବାର ଯୋଗାଣ କାର୍ଯ୍ୟାଳୟ ଦୌଡୁଛନ୍ତି । ଧାନ ବିକ୍ରିର ୭୨ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ତାଙ୍କର ଅର୍ଥ ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲେ ବି ନଗ୍ରମ ଚାଷୀଙ୍କୁ ସେମାନଙ୍କ ବିକ୍ରିଅର୍ଥ ପ୍ରଦାନରେ ଯୋଗାଣ ବିଭାଗର କାଳକ୍ଷେପଣ ନୀତି ଅତ୍ୟନ୍ତ ଅସହ୍ୟ ବୋଲି ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଅର୍ଥ ପାଇଁ ଦୀର୍ଘସମୟ ଧରି ଅଡ଼ିବସିବା ପରେ ୨୪ ଘଣ୍ଟା ମଧ୍ୟରେ ସେମାନଙ୍କ ଆକାଉଣ୍ଟକୁ ଧାନବିକ୍ରି ଅର୍ଥ ଯିବ ବୋଲି ଯୋଗାଣ ଅଧିକାରୀ ଘୋଷଣା କରିଥିଲେ। ଏଥି ସହିତ ଏଇ ସପ୍ତାହରେ ରବିଧାନ କ୍ରୟ ପାଇଁ ମଣ୍ଡି ଖୋଲା ଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଯୋଗାଣ ଅଧିକାରୀଙ୍କ ପ୍ରତିଶ୍ରୁତି ଖିଲାପ ହେଲେ ଚାଷୀମାନେ ତୀବ୍ର ଆନ୍ଦୋଳନମୁଖୀ ହେବେ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ସମ୍ବଳିତ ସ୍ମାରକପତ୍ର ସେମାନେ ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ଦିଲ୍ଲୀପ କୁମାର ମିସ୍ତ୍ରୀ, ହେମନ୍ତ ସେନାପତି, କ୍ଷେତ୍ରମୋହନ ଜେନା, ଗଣେଶ ଚନ୍ଦ୍ର ପାଢ଼ୀ, କରୁଣାକର ମହାଳିକ, ଅନନ୍ତ ବିଶ୍ୱା. ଜୟନ୍ତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ନିର୍ବାଚନ ହାର୍‌ଜିତ୍‌ର ସମୀକ୍ଷା କଲେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

## ନିର୍ବାଚନ ମଣ୍ଡଳୀସ୍ତରୀୟ କମିଟି ଗଠନ ପରେ ହେବ ପୂର୍ଣ୍ଣ ସମୀକ୍ଷା

ଭଦ୍ରକ,୧୧।୬: ଗତ ନିର୍ବାଚନରେ ବିଜେଡି ଦଳ ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ମଧ୍ୟରୁ ୪ଟିରେ ବିଜୟଲାଭ କରିବା ସହିତ ସାଂସଦ ଆସନ ମଧ୍ୟ ଦଖଲ କରିଛି । ତେବେ ଏହି ଦଳର ପ୍ରାର୍ଥୀମାନଙ୍କ ବିଜୟ ବ୍ୟବଧାନ ଓ ହାରିବାର କାରଣ ନେଇ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ଜିଲ୍ଲା କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି । ଜିଲ୍ଲାରେ ବିଜେଡିର ସାଂପ୍ରତିକ ସ୍ଥିତିକୁ ନେଇ ନିର୍ବାଚନ ମଣ୍ଡଳୀ ସ୍ତରୀୟ କମିଟି ଗଠନ କରି ପୂର୍ଣ୍ଣ ସମୀକ୍ଷା କରାଯିବ ବୋଲି ମନ୍ତ୍ରୀ କହିଥିଲେ । ପ୍ରଥମେ ମନ୍ତ୍ରୀଙ୍କୁ ଆରଡି ଛକଠାରେ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ରାଜ୍ୟ ଯୁବ ବିଜେଡି ଉପସଭାପତି ଇଂ ପ୍ରୟାସକାନ୍ତି ସାମଲ (ଲୁଲୁ), ଜିଲ୍ଲା ଛାତ୍ର ବିଜେଡି ସଭାପତି ତଥାଗତ ସାମଲ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ସ୍ୱାଗତ କରିଥିଲେ । ପରେ ଏହି ନେତୃମଣ୍ଡଳୀଙ୍କ ନେତୃତ୍ୱରେ ୧ ହଜାରରୁ ଉର୍ଦ୍ଧ୍ୱ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ମନ୍ତ୍ରୀଙ୍କୁ ସହର ପରିକ୍ରମା କରାଇ ସାଳନ୍ଦୀ ଜଳସେଚନ ଡାକବଙ୍ଗଳା ପର୍ଯ୍ୟନ୍ତ ନେଇଥିଲେ । ସେଠାରୁ ମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ବିଜେଡି ଜିଲ୍ଲା କାର୍ଯ୍ୟାଳୟକୁ ନିଆଯାଇଥିଲା । ଜିଲ୍ଲାର ସମସ୍ତ ବିଧାୟକ, ପୂର୍ବତନ ବିଧାୟକ



ଏବଂ ଅନ୍ୟାନ୍ୟ ନେତୃମଣ୍ଡଳୀ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ପୌରୋହିତ୍ୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଦଳର ଭୋଟ ହାର ବିଗତ ନିର୍ବାଚନର ଭୋଟ ହାର ଠାରୁ କମିଛି କି ନାହିଁ ଯଦି କମିଛି ଏହାର କାରଣ କଣ ଖୋଜିବାକୁ ସେ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ କର୍ମୀ ନିଜକୁ ଦଳର ଜଣେ ଜଣେ ଯୋଦ୍ଧା ଭାବେ ଭାବି ଆଗକୁ ଆଗେଇବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ସାଂସଦ ଶ୍ରୀମତୀ ମଣ୍ଡଳ, ଭଦ୍ରକ ବିଧାୟକ ଶ୍ରୀ ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ବିଜୟ ନାୟକଙ୍କ ସହିତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ବରିଷ୍ଠ ନେତ୍ରୀ ତାହେରା ଖାତୁନ, ନେତା ଅଶୋକ ନାୟକ, ମାନସ ମହାନ୍ତି, ରଘୁନାଥ ଲେଙ୍କା, ମଳୟ ଜେନା, ସୋମନାଥ ସାହୁ, ଶ୍ୟାମସୁନ୍ଦର ନାୟକ, ରେବତୀ ନାୟକ, ଯୋଗୀ ଘଡେଇ, ମୁକୁନ୍ଦଦେବ ସାମଲ, ରଂଜନ ସାହୁ, ଲାଲା ଲଳିତ ନାୟକ, ରାକେଶ ପଣ୍ଡା, ପ୍ରିନ୍‌ସ ରାକେଶ ନାୟକ, ମହମ୍ମଦ ଲୋକା, ରଘୁନାଥ ପଣ୍ଡା, ଜ୍ୟୋତ୍ସ୍ନାମଂଜରୀ ରାଉତ, ସ୍ୱର୍ଣ୍ଣଲତା ନାୟକ, ଇକ୍‌ବାଲ ଖାଁ, ଜୁଲ୍‌ଫୁକର ଅଲ୍ଲୀ, ସେକ୍ ଜକାଉଲ୍ଲା, ଜାହିଦ୍ ହବିବ୍, ତପନ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଛାତ୍ର ବିଜେଡି ଜିଲ୍ଲା ସଭାପତି ତଥାଗତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

